# ନବରଙ୍ଗପୁରରେ ଉଦ୍‌ବେଗଜନକ ଡ୍ରପ୍‌ଆଉଟ୍‌ଙ୍କ ସଂଖ୍ୟା

ନବରଙ୍ଗପୁର, ୨୪।୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ବଢୁଛି ଡ୍ରପ୍‌ଆଉଟ୍‌ଙ୍କ ସଂଖ୍ୟା। ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ିଦେବା ଘଟଣା ଦିନକୁ ଦିନ ଗମ୍ଭୀର ରୂପ ନେଉଛି। ପ୍ରାଥମିକରୁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ମାଧ୍ୟମିକସ୍ତର ପର୍ଯ୍ୟନ୍ତ ଡ୍ରପଆଉଟ୍ ସଂଖ୍ୟା ବଢୁଥିବାରୁ ଶିକ୍ଷା ବିଭାଗ ସହିତ ସାମାଜିକ ସଙ୍ଗଠନଗୁଡ଼ିକ ଚିନ୍ତିତ ହୋଇପଡ଼ିଛନ୍ତି।

ବିଧାନସଭାରେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ରାଜ୍ୟରେ ୫ ବର୍ଷରେ ଡ୍ରପଆଉଟ୍ ସଂଖ୍ୟା କେତେ ରହିଛି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ଗଣ୍ଡ ଯେଉଁ ତଥ୍ୟ ଦେଇଛନ୍ତି, ତାହାକୁ ତର୍ଜମା କଲେ ଅବିଭକ୍ତ କୋରାପୁଟର ୪ ଜିଲା ମଧ୍ୟରୁ ନବରଙ୍ଗପୁରର ଡ୍ରପଆଉଟ୍ ସଂଖ୍ୟା ଉଦ୍‌ବେଗଜନକ। ପ୍ରାଥମିକ ବିଦ୍ୟାଳୟସ୍ତରରେ ନବରଙ୍ଗପୁର ଜିଲାରେ ଡ୍ରପ୍‌ଆଉଟ୍ ସଂଖ୍ୟା ୧.୭୩% ରହିଛି। ସେଥିମଧ୍ୟରୁ ବାଳିକା ୨.୦୧ ଓ ବାଳକ ୧.୪୫%। ନବରଙ୍ଗପୁର ଜିଲାରେ ଉଚ୍ଚ ପ୍ରାଥମିକସ୍ତରରେ ୧୦.୫୭% ଡ୍ରପ୍‌ଆଉଟ୍ ହାର। ବାଳିକା ୧୦.୯୧ ଓ ବାଳକ ୧୦.୨୫%। ଏଠାରେ ପ୍ରାଥମିକସ୍ତରରୁ ଉଚ୍ଚ ପ୍ରାଥମିକସ୍ତରକୁ ଆସିବାବେଳେ ଛାତ୍ରୀଛାତ୍ରଙ୍କ ଡ୍ରପ୍‌ଆଉଟ ସଂଖ୍ୟା ବଢ଼ିଛି। ନବରଙ୍ଗପୁର ଜିଲାରେ ମାଧ୍ୟମିକ ସ୍ତରରେ ୧୯.୫୫% ଡ୍ରପ୍‌ଆଉଟ୍ ହାର। ବାଳିକା ୨୦.୮୩ ଓ ବାଳକମାନଙ୍କ ଡ୍ରପଆଉଟ୍ ସଂଖ୍ୟା ୧୮.୩୯% ରହିଛି। ପ୍ରାଥମିକ ବିଦ୍ୟାଳୟରେ କୋରାପୁଟ ଜିଲା ୧.୯୦%, ମାଲକାନଗିରି ଜିଲା ୩.୧୬% ଓ ରାୟଗଡ଼ା ଜିଲା ୨.୪୬% ରହିଛି। ତେବେ ପ୍ରାଥମିକ ବିଦ୍ୟାଳୟରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଡ୍ରପଆଉଟ୍ ସଂଖ୍ୟା ନବରଙ୍ଗପୁର ଜିଲାରେ ଅଧିକ ରହିଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରରେ କୋରାପୁଟ ଜିଲା ୪.୯୬%, ମାଲକାନଗିରି ଜିଲା ୨.୯୯% ଓ ରାୟଗଡ଼ା ଜିଲା ୪.୨୫% ରହିଛି। ହାଇସ୍କୁଲ ତଥା ମାଧ୍ୟମିକସ୍ତରକୁ ଦେଖିଲେ ମଧ୍ୟ ଏକା ପରିସ୍ଥିତି। ନବରଙ୍ଗପୁର ଜିଲାରେ ମାଧ୍ୟମିକ ସ୍ତରରେ ୧୯.୫୫%, କୋରାପୁଟ ଜିଲା ୧୬.୧୯%, ମାଲକାନଗିରି ଜିଲା ୧୩ .୧୦% ଓ ରାୟଗଡ଼ା ଜିଲାରେ ୧୫.୫୮% ଡ୍ରପଆଉଟ୍ ହାର ରହିଛି। ଆର୍ଥିକ ଅଭାବ, ଶିଶୁ ଶ୍ରମ, ପାରିବାରିକ ଦାୟିତ୍ୱ ଓ ଅଭିଭାବକଙ୍କର ଅସଚେତନତା ଡ୍ରପଆଉଟ୍ ବୃଦ୍ଧିର ପ୍ରମୁଖ କାରଣ। କିଶୋରୀମାନଙ୍କ ବାଲ୍ୟବିବାହ ମଧ୍ୟ ଶିକ୍ଷା ବିଚ୍ଛିନ୍ନତାକୁ ବଢ଼ାଇ ଦେଉଛି। ସରକାର ମଧ୍ୟାହ୍ନଭୋଜନ, ମାଗଣା ପୁସ୍ତକ, ପୋଷାକ, ସାଇକେଲ ଓ ଛାତ୍ରବୃତ୍ତି ଯୋଜନା ଆଣିଥିଲେ ମଧ୍ୟ ଠିକ୍ କାର୍ଯ୍ୟକାରୀ ନ ହେବା ନେଇ ଅଭିଯୋଗ ଉଠୁଛି। ଡ୍ରପଆଉଟ୍ ସଂଖ୍ୟା ବୃଦ୍ଧି ଏକ ଶୁଭ ସଙ୍କେତ ନୁହେଁ। ଏହା ଦ୍ୱାରା ଅଶିକ୍ଷା, ବେକାରି ଓ ସାମାଜିକ ଅସମତା ବଢ଼ିବା ଆଶଙ୍କା ରହିଛି। ତେଣୁ ଏହି ସମସ୍ୟାକୁ ରୋକିବା ପାଇଁ ସରକାର, ଶିକ୍ଷା ବିଭାଗ ଓ ଅଭିଭାବକମାନେ ସମନ୍ୱିତ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଏହି ପରିସ୍ଥିତିରେ ବିଦ୍ୟାଳୟମାନଙ୍କର ଗୁଣାତ୍ମକ ଶିକ୍ଷା, ଛାତ୍ରୀଛାତ୍ରଙ୍କୁ ନିୟମିତ ପରାମର୍ଶ ଓ ଅଭିଭାବକଙ୍କ ସଚେତନତା କାର୍ଯ୍ୟକ୍ରମ ଜରୁରୀ ହୋଇପଡ଼ିଛି। ଡ୍ରପଆଉଟ୍ ରୋକିବା ପାଇଁ ଦୃଢ଼ ନୀତି ଓ କାର୍ଯ୍ୟ କରିବା ପାଇଁ ପ୍ରୟାସ ନ ହେଲେ ଶିକ୍ଷା ବ୍ୟବସ୍ଥା ଆହୁରି ସଙ୍କଟରେ ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଉଛି। ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ମାଧ ସିଂ ହାତଖର୍ଚ୍ଚ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଛି। ସ୍ୱତନ୍ତ୍ର ଭାବେ ବାଳିକା ଶିକ୍ଷା ବୃଦ୍ଧି ପାଇଁ କେବିକେ ଅଞ୍ଚଳରେ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ, ଅନୁସୂଚିତ ଜାତି, ଜନଜାତି ବିଭାଗ ଦ୍ୱାରା ଆଶ୍ରମ ଓ ସେବାଶ୍ରମ ଖୋଲାଯାଇଛି। ଏହାସତ୍ତ୍ୱେ ଡ୍ରପଆଉଟ୍ ହାର କମିବାର ନାଁ ଧରୁନଥିବାରୁ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

■ ବିଭିନ୍ନ ଯୋଜନା ସତ୍ତ୍ୱେ ପାଠ ଛାଡୁଛନ୍ତି ଛାତ୍ରୀଛାତ୍ର
■ ଅବିଭକ୍ତ କୋରାପୁଟ ଜିଲାର ନବରଙ୍ଗପୁରରେ ଡ୍ରପ୍‌ଆଉଟ୍ ହାର ସର୍ବାଧିକ



ANNUAL AVERAGE DROP OUT RATE - 2020-21

| SL | DISTRICT | PRIMARY(I-V) BOYS | PRIMARY(I-V) GIRLS | PRIMARY(I-V) TOTAL | UPPER PRIMARY(VI-VIII) BOYS | UPPER PRIMARY(VI-VIII) GIRLS | UPPER PRIMARY(VI-VIII) TOTAL | SECONDARY(IX-X) BOYS | SECONDARY(IX-X) GIRLS | SECONDARY(IX-X) TOTAL |
|---|---|---|---|---|---|---|---|---|---|---|
| 1 | ANGUL | 0.00 | 0.11 | 0.00 | 0.00 | 0.00 | 0.00 | 23.34 | 18.39 | 20.94 |
| 2 | BALASORE | 0.00 | 0.00 | 0.00 | 0.00 | 0.00 | 0.00 | 14.75 | 12.74 | 13.75 |
| 3 | BARGARH | 0.00 | 0.00 | 0.00 | 0.00 | 0.00 | 0.00 | 18.00 | 16.42 | 17.21 |
| 4 | BHADRAK | 0.00 | 0.00 | 0.00 | 0.00 | 0.00 | 0.00 | 21.45 | 18.88 | 20.17 |
| 5 | BOLANGIR | 0.00 | 0.00 | 0.00 | 1.38 | 1.73 | 1.55 | 16.87 | 18.22 | 17.53 |
| 6 | BOUDH | 0.00 | 0.00 | 0.00 | 2.73 | 2.62 | 2.68 | 21.27 | 19.96 | 20.60 |
| 7 | CUTTACK | 0.00 | 0.00 | 0.00 | 0.00 | 0.00 | 0.00 | 8.26 | 3.59 | 6.01 |
| 8 | DEOGARH | 0.00 | 0.00 | 0.00 | 0.00 | 0.00 | 0.00 | 24.22 | 25.47 | 24.82 |
| 9 | DHENKANAL | 0.00 | 0.00 | 0.00 | 0.00 | 0.00 | 0.00 | 18.58 | 19.79 | 19.16 |
| 10 | GAJAPATI | 0.00 | 0.00 | 0.00 | 0.00 | 0.00 | 0.00 | 19.31 | 20.14 | 19.71 |
| 11 | GANJAM | 0.00 | 0.00 | 0.00 | 0.00 | 0.00 | 0.00 | 15.75 | 16.89 | 16.31 |
| 12 | JAGATSINGHPUR | 5.09 | 5.47 | 5.27 | 0.00 | 0.00 | 0.00 | 28.28 | 23.36 | 25.89 |
| 13 | JAJPUR | 0.26 | 0.95 | 0.59 | 0.00 | 0.00 | 0.00 | 12.80 | 11.74 | 12.29 |
| 14 | JHARSUGUDA | 0.00 | 0.00 | 0.00 | 0.00 | 0.00 | 0.00 | 18.86 | 16.93 | 17.92 |
| 15 | KALAHANDI | 1.26 | 1.17 | 1.22 | 4.61 | 4.87 | 4.73 | 19.12 | 23.17 | 21.07 |
| 16 | KANDHAMAL | 0.00 | 0.00 | 0.00 | 1.33 | 1.73 | 1.53 | 17.09 | 17.41 | 17.26 |
| 17 | KENDRAPADA | 0.00 | 0.00 | 0.00 | 0.00 | 0.00 | 0.00 | 16.49 | 13.68 | 15.10 |
| 18 | KEONJHAR | 0.43 | 0.00 | 0.07 | 0.00 | 0.00 | 0.00 | 24.20 | 20.09 | 22.14 |
| 19 | KHORDHA | 0.00 | 0.00 | 0.00 | 3.14 | 1.03 | 2.17 | 8.67 | 6.63 | 7.71 |
| 20 | KORAPUT | 1.50 | 2.31 | 1.90 | 4.69 | 5.25 | 4.96 | 15.75 | 18.21 | 16.90 |
| 21 | MALKANAGIRI | 3.17 | 3.14 | 3.16 | 3.19 | 2.76 | 2.99 | 15.13 | 10.63 | 13.10 |
| 22 | MAYURBHANJ | 1.25 | 1.03 | 1.15 | 3.37 | 2.58 | 2.98 | 20.22 | 18.54 | 19.36 |
| 23 | NABARANGPUR | 1.46 | 2.01 | 1.73 | 10.25 | 10.91 | 10.57 | 18.39 | 20.83 | 19.55 |
| 24 | NAYAGARH | 0.00 | 0.00 | 0.00 | 0.00 | 0.00 | 0.00 | 14.13 | 13.57 | 13.87 |
| 25 | NUAPADA | 0.00 | 0.00 | 0.00 | 6.56 | 5.47 | 6.03 | 19.91 | 23.05 | 21.44 |
| 26 | PURI | 0.00 | 0.00 | 0.00 | 0.00 | 0.00 | 0.00 | 11.91 | 10.56 | 11.26 |
| 27 | RAYAGADA | 2.11 | 2.42 | 2.26 | 4.89 | 3.54 | 4.25 | 17.64 | 13.43 | 15.58 |
| 28 | SAMBALPUR | 0.00 | 0.00 | 0.00 | 1.88 | 1.22 | 1.57 | 10.04 | 5.12 | 7.64 |
| 29 | SONEPUR | 0.00 | 0.00 | 0.00 | 1.50 | 0.61 | 1.07 | 12.41 | 9.04 | 10.76 |
| 30 | SUNDARGARH | 0.00 | 0.00 | 0.00 | 0.00 | 0.00 | 0.00 | 17.48 | 12.56 | 14.99 |
| | TOTAL | 0.00 | 0.00 | 0.00 | 0.00 | 0.00 | 0.00 | 16.69 | 15.37 | 16.04 |

Source: UDISE / Ex-MIS

ରାଜ୍ୟର ବିଭିନ୍ନ ଜିଲାର ଡ୍ରପ୍‌ଆଉଟ୍ ଲିଷ୍ଟ।



**ଜାତିପ୍ରଥାର ନଗ୍ନ ଚିତ୍ର:** ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରା ଗ୍ରାମର ଦୁର୍ଯ୍ୟୋଧନ ମାଝୀଙ୍କ ଝିଅମାନେ ଅନ୍ୟ ଜାତିରେ ବିବାହ କରିଥିବାରୁ ତାଙ୍କ ମୃତ୍ୟୁ ପରେ ସାହି ଭାଇ ମୃତଦେହକୁ କାନ୍ଧ ଦେଇ ନ ଥିଲେ। ମଙ୍ଗଳବାର ମୃତକଙ୍କ ଭଉଣୀ, ଭାଣେଜୀ, ସାନ ଝିଅ ଓ ପୁଅ ମୃତଦେହ କାନ୍ଧେଇ ଶ୍ମଶାନକୁ ନେଉଛନ୍ତି।

# ଆଜିଠାରୁ ୩ଯାଏ ସୁଭଦ୍ରା ଶକ୍ତିମେଳା

ନବରଙ୍ଗପୁର, ୨୪।୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ସଦର ମହକୁମା ପୋଲିସ ପଡ଼ିଆରେ ୨୫ରୁ ୩ ମାର୍ଚ୍ଚ ପର୍ଯ୍ୟନ୍ତ ସୁଭଦ୍ରା ଶକ୍ତିମେଳା ହେବ। ଏହି ଉପଲକ୍ଷେ ମଙ୍ଗଳବାର ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ ଗୃହରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ଖବରଦାତା ସମ୍ମିଳନୀରେ ସୁଭଦ୍ରା ଶକ୍ତି ମେଳାର ଆୟୋଜନ, ବିଭିନ୍ନ କାର୍ଯ୍ୟକ୍ରମ ଓ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ସୂଚନା ଦେଇଛନ୍ତି।

ଏହି ମେଳାରେ ୧୨୦ ଷ୍ଟଲ୍ ରହିବ, ଯେଉଁଥିରେ ଜିଲା ଓ ଜିଲା ବାହାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିଜର ଉତ୍ପାଦିତ ଦ୍ରବ୍ୟ ପ୍ରଦର୍ଶନୀ କରିବା ସହ ବିକ୍ରି କରିବେ। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀର ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲ୍ ମଧ୍ୟ ଭାଗ ନେଉଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅନ୍ୟ ଷ୍ଟଲ୍ ଦ୍ୱାରା ପ୍ରାୟ ୫ କୋଟି ଟଙ୍କାର ବ୍ୟବସାୟ ହେବ ବୋଲି ଆଶା କରାଯାଉଛି। ଉଦ୍‌ଘାଟନୀ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ, ଏମ୍‌ପି, ବିଧାୟକମାନେ ଅତିଥି ଭାବେ ଯୋଗଦେବେ। ପ୍ରତ୍ୟେକ ଦିନ ୧୧ଟାରେ ମହିଳା ସଶକ୍ତୀକରଣ, ମହିଳା ଉଦ୍ୟୋଗୀ, ଲକ୍ଷପତି ଦିଦି, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତାରେ ମହିଳାଙ୍କ ଭୂମିକା, ଲିଙ୍ଗଗତ ସମାନତା, ମହିଳାଙ୍କ ନ୍ୟାୟିକ ଅଧିକାର ଉପରେ ବିଶେଷ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ସନ୍ଧ୍ୟା ୬ଟାରୁ ରାତି ୧୦ ପର୍ଯ୍ୟନ୍ତ ଜିଲାର ମୋଟ ୨୮ ସାଂସ୍କୃତିକ ଦଳ କାର୍ଯ୍ୟକ୍ରମ ପ୍ରଦର୍ଶନ କରିବେ। ସେମାନଙ୍କ ବ୍ୟତୀତ ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, ସୋନପୁର ଜିଲାରୁ ବିଭିନ୍ନ ପ୍ରସିଦ୍ଧ କଳାକାର ସାଂସ୍କୃତିକ ଦଳ ସାଂସ୍କୃତିକ ପ୍ରଦର୍ଶନରେ ଭାଗନେବେ। ୨୫ ତାରିଖ ଅପରାହ୍ନ ୩ଟାରେ ମାଁ ଭଣ୍ଡାରଘରଣୀଙ୍କ ମନ୍ଦିରରୁ ପୋଲିସ ପଡିଆ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ ଦଳ ସହ କଳସଯାତ୍ରା ଅନୁଷ୍ଠିତ ହେବ। ମେଳାକୁ ଶାନ୍ତି ଶୃଙ୍ଖଳା, ଟ୍ରାଫିକ୍ ନିୟନ୍ତ୍ରଣ, ଶୌଚାଳୟ, ପାନୀୟ ଜଳ, ଦମକଳ, ପ୍ରାଥମିକ ଚିକିତ୍ସା,କଳାକାର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଖାଇବା,ରହିବା ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ସ୍ୱାଇଁ ସୂଚନା ଦେଇଛନ୍ତି।

# ଏମ୍‌ଏସ୍‌ଏମ୍‌ଇକୁ ସୁଦୃଢ଼, କ୍ଷମତା ବୃଦ୍ଧିକୁ ଗୁରୁତ୍ୱ




କର୍ମଶାଳାରେ ଜିଲାପାଳ ଓ ଅନ୍ୟମାନେ।

ନବରଙ୍ଗପୁର, ୨୪।୨ (ସଦାଶିବ ପ୍ରହରାଜ)

**ସରକାରୀ ଅଧିକାରୀ, ଶିଳ୍ପ ଉଦ୍ୟୋଗୀ ଯୋଜନା ସମ୍ପର୍କିତ କ୍ଷମତା ବୃଦ୍ଧି କର୍ମଶାଳା**

ରେଜିଂ ଆଣ୍ଡ ଆକ୍ସେଲେରେଟିଂ ଏମ୍‌ଏସ୍‌ଏମ୍‌ଇ ପର୍ଫର୍ମାନ୍ସ (ଆର୍‌ଏଏମ୍‌ପି) କାର୍ଯ୍ୟକ୍ରମ ଅଧୀନରେ ଏକ ଯୋଜନା ସମ୍ପର୍କିତ କ୍ଷମତା ବୃଦ୍ଧି କର୍ମଶାଳା ମଙ୍ଗଳବାର ନବରଙ୍ଗପୁର ଚାଉଁରିଆଗୁଡାଠାରେ ଆୟୋଜିତ ହୋଇଯାଇଛି। ଡିଇପିଏମ୍ ଓଡ଼ିଶା ଭୁବନେଶ୍ୱର ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡିଆଇସି ସାଧାରଣ ପରିଚାଳକ ଦୀପକ କୁମାର ଅଗ୍ରୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲାରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ କ୍ଷମତା ବୃଦ୍ଧି ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ସରକାରୀକ୍ରୟରେ ସ୍ଥାନୀୟ ମାଇକ୍ରୋ ଓ ଲଘୁ ଉଦ୍ୟୋଗୀଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଁ ପ୍ରୋକ୍ୟୁରମେଣ୍ଟ ପ୍ରିଫରେନ୍ସ ପଲିସି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ମହେଶ୍ୱର ସ୍ୱାଇଁ ଯୋଗଦେଇ ଆର୍‌ଏଏମ୍‌ପି ମାଧ୍ୟମରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ଲଘୁ ଉଦ୍ୟୋଗୀଙ୍କ ଉନ୍ନତି ହେବା ସହିତ ଅନେକଙ୍କୁ ନିଯୁକ୍ତି ଦେବା ସମ୍ଭବ ହେବ ବୋଲି କହିଥିଲେ। ବିଭିନ୍ନ ବିଭାଗୀୟ ମଧ୍ୟରେ ସମନ୍ୱୟ ଓ ସକ୍ରିୟ ସହଯୋଗ ଦ୍ୱାରା ସ୍ଥାନୀୟ ଉଦ୍ୟୋଗୀଙ୍କୁ ସରକାରୀ ଯୋଜନା ଓ କ୍ରୟ ପ୍ରକ୍ରିୟାର ସର୍ବାଧିକ ଲାଭ ଦେବାକୁ ଆହ୍ୱାନ କରିଥିଲେ। ପରେ ଗଭର୍ନମେଣ୍ଟ ଇ-ମାର୍କେଟପ୍ଲେସ ସମ୍ବନ୍ଧୀୟ ବାୟର ଓ ସେଲର ସେସନ୍ ଆୟୋଜିତ ହୋଇଥିଲା। ମ୍ୟାନେଜମେଣ୍ଟ କନ୍‌ସଲ୍‌ଟାଣ୍ଟ ଆନନ୍ଦ କିଶୋର ମିଶ୍ର ପରିଚାଳନା କରିଥିଲେ। ବୈଷୟିକ ଅଧିକାରୀ ଯୁକ୍ତି ପ୍ରସାଦ ପାଢ଼ୀ ଧନ୍ୟବାଦ ଜ୍ଞାପନ କରିଥିଲେ। କର୍ମଶାଳାରେ ବିଭିନ୍ନ ବିଭାଗର ସରକାରୀ କର୍ମକର୍ତ୍ତାମାନେ, ଶିଳ୍ପ ସଂଘର ପ୍ରତିନିଧି ଏବଂ ଜିଲାର ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନେ ଅଂଶଗ୍ରହଣ କରିଥିଲେ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ସୁଦୃଢ଼ କରିବା ସହିତ ସରକାରୀ କ୍ରୟ ପ୍ରଣାଳୀରେ ପାରଦର୍ଶିତା ଓ କାର୍ଯ୍ୟ କୁଶଳତା ବୃଦ୍ଧି ପାଇଁ ସହାୟକ ହେବା କର୍ମଶାଳାର ଲକ୍ଷ୍ୟ ବୋଲି ବୈଠକରେ କୁହାଯାଇଛି।

# ଏଏସ୍‌ପିଙ୍କୁ ଏତଲା ଦେଲେ କଂଗ୍ରେସ ନେତା, କର୍ମୀ



କଂଗ୍ରେସ ନେତା ଓ କର୍ମୀମାନେ ଏଏସ୍‌ପିଙ୍କୁ ଏତଲା ପ୍ରଦାନ କରୁଛନ୍ତି।

ନବରଙ୍ଗପୁର, ୨୪।୨ (ସଦାଶିବ ପ୍ରହରାଜ)

କେନ୍ଦ୍ର ତଥା ରାଜ୍ୟରେ ଭାଜପାଶାସିତ ସରକାରଙ୍କ କାର୍ଯ୍ୟକଳାପକୁ ନେଇ ଭାରତୀୟ ଜାତୀୟ କଂଗ୍ରେସର ଡାକରା ଓ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଏଏସ୍‌ପି ଆଦିତ୍ୟ ସେନଙ୍କୁ ଜିଲା କଂଗ୍ରେସ କମିଟି ପକ୍ଷରୁ ଏତଲା ପ୍ରଦାନ କରାଯାଇଛି। ଦେଶରେ ଭାଜପା ଶାସନରେ ପାର୍ଲାମେଣ୍ଟ ଅଧିବେଶନ ସମୟରେ ବିପକ୍ଷ ଦଳକୁ କୌଣସି ଆଲୋଚନାରେ ଭାଗ ନ ଦେବା, ମୁଖ୍ୟ ବିରୋଧୀ ଦଳ ନେତା ତଥା କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀଙ୍କ ସ୍ୱରକୁ ଚାପି ଦେବାର ପ୍ରୟାସ ଭାଜପା ଏମ୍‌ପିଙ୍କ ଏକ ପ୍ରକାର ଅଭ୍ୟାସରେ ପରିଣତ ହୋଇଥିବା ଉକ୍ତ ଏତଲାରେ ଦର୍ଶାଯାଇଛି। ବିବାଦୀୟ ଏପଷ୍ଟିନ୍ ଫାଇଲରେ କେନ୍ଦ୍ରମନ୍ତ୍ରୀ ହର୍‌ଦୀପ ସିଂ ପୁରୀଙ୍କ ନାମ ଉଲ୍ଲେଖ ଥିବା ଜଣାପଡ଼ିବା ପରେ ନୈତିକତା ଦୃଷ୍ଟିରୁ ସେ ନିଜ ପଦରୁ ଇସ୍ତଫା ଦିଅନ୍ତୁ। ଏପରିକି ସେ ବିବାଦୀୟ ଏପଷ୍ଟିନ୍‌ଙ୍କୁ ଏକାଧିକ ଥର ସାକ୍ଷାତ୍ କରିଥିବା ସ୍ୱୀକାର କରିବା ପରେ ମଧ୍ୟ ତାଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଫାଇଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମ ଆସୁଥିବା ମଧ୍ୟ ସଂକେତ ମିଳୁଥିବାରୁ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଇସ୍ତଫା ଦେବା ଆବଶ୍ୟକ ବୋଲି କଂଗ୍ରେସ ଦାବି କରିଛି। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି ସଭାପତି ଲିପିକା ମାଝୀ, ପୂର୍ବତନ ସଭାପତି ଭୁଜବଳ ମାଝୀ, ମୁନା ତ୍ରିପାଠୀ, ଚାଷୀନେତା ସନରାଜ୍ ଗଣ୍ଡ, ବରିଷ୍ଠ ନେତା ଦିଲୀପ ବେହେରାଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ପାପଡ଼ାହାଣ୍ଡି, ୨୪।୨ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତ ପୂଜାରୀଗୁଡ଼ା ଗ୍ରାମର ଡଙ୍ଗରିଜଙ୍ଗଲ ନିକଟରେ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ମଙ୍ଗଳବାର ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ ପୂଜାରୀଗୁଡ଼ା ଗ୍ରାମର ପଦଲାମ ପୂଜାରୀ (୬୨) ଗାଁ ନିକଟସ୍ଥ ଡଙ୍ଗରି ଜଙ୍ଗଲ ନିକଟରେ ମହୁଲ ସଞ୍ଚୟ ଉଦ୍ଦେଶ୍ୟରେ ମହୁଲ ଗଛ ତଳେ ସଫା କରୁଥିଲେ। ଏହି ସମୟରେ ହଠାତ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ପଦଲାମ ଚିତ୍କାର କରି ସାହାଯ୍ୟ ମାଗିଥିଲେ। ତାଙ୍କ ପାଟି ଶୁଣି ଗ୍ରାମବାସୀ ସେଠାରେ ପହଞ୍ଚି ଉଦ୍ଧାର କରିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ପଦଲାମଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ପଞ୍ଚମ ବୃତ୍ତି ପରୀକ୍ଷା: ପାପଡ଼ାହାଣ୍ଡିରେ ସୁଲଗ୍ନା ପ୍ରଥମ

ପାପଡ଼ାହାଣ୍ଡି, ୨୪।୨ (ସ୍ୱପ୍ନଜିତ ପଟ୍ଟନାୟକ)



ସୁଲଗ୍ନା ଦାସ।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସରକାରୀ ବାମନଦେଇଗୁଡ଼ା ବିଦ୍ୟାଳୟର ସୁଲଗ୍ନା ଦାସ ପଞ୍ଚମ ବୃତ୍ତି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବର୍ତ୍ତମାନ ସେ ଜବାହର ନବୋଦୟ ବିଦ୍ୟାଳୟ ଖାତିଗୁଡ଼ାରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ସୁଲଗ୍ନା ଜଣେ ମେଧାବୀ ଛାତ୍ରୀ ସେ ତୃତୀୟ ଶ୍ରେଣୀ ପାଠ ପଢ଼ିବା ସମୟରେ ବୃତ୍ତି ପରୀକ୍ଷାରେ ବ୍ଲକର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବ୍ଲକସ୍ତରରେ ଅନ୍ୟ ପ୍ରତିଯୋଗିତା ସୁରଭି, ରାଷ୍ଟ୍ରୀୟ ଅଭିସ୍କାର ଅଭିଯାନରେ ଅଂଶ ଗ୍ରହଣ କରି ସେଥିରେ ମଧ୍ୟ ବ୍ଲକ ପାଇଁ ଗୌରବ ଅର୍ଜନ କରିଛନ୍ତି। ବ୍ଲକରୁ ପ୍ରଥମ ସ୍ଥାନ ଅଧିକାର କରିବା ପରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ମା ସ୍ନେହଲତା ସାମନ୍ତରାୟ ଓ ବାପା ଅଜିତ କୁମାର ଦାସ, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ଡାକ୍ତର ହୋଇ ଅସହାୟ, ଗରୀବ ଲୋକଙ୍କୁ ମାଗଣା ସେବା ଦେବା ଲକ୍ଷ୍ୟ ରଖିଥିବା କହିଛନ୍ତି।

# ସଂଘବଦ୍ଧ ଆକ୍ରମଣ ଘଟଣା: ୫ ଜଣଙ୍କୁ କୋର୍ଟ ଚାଲାଣ

ପାପଡ଼ାହାଣ୍ଡି, ୨୪।୨ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ମୈଦଲପୁର ଥାନା ଆଉଁଳି ଗ୍ରାମରେ ସଂଘବଦ୍ଧ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟଣାରେ ୫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଗାଁର ମୁକୁନ୍ଦ କୁର୍ମି, ରାହୁଲ କୁର୍ମି, ମାନସ କୁର୍ମି, ଚନ୍ଦ୍ରକେତୁ କୁର୍ମି ଓ ତରୁଣୀ ଅଗ୍ରୀଆ। ସୂଚନାନୁଯାୟୀ, ରବିବାର ଅପରାହ୍ନରେ ଆଉଁଳି ଗାଁର ତ୍ରିନାଥ ନାୟକଙ୍କୁ ଗ୍ରାମର ୧୦ ଜଣ ମିଶି ଆକ୍ରମଣ କରିଥିଲେ। ମେଡିକାଲ ନେବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ମୈଦଲପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ କରି ୫ ଜଣକୁ ଗିରଫ କରିଥିଲା।

# ଉମରକୋଟରେ ବିଦ୍ୟାଳୟସ୍ତରୀୟ କୁଇଜ୍ ପ୍ରତିଯୋଗିତା

ଉମରକୋଟ, ୨୪।୨ (ସନ୍ତୋଷ ଶତପଥୀ)

ପିଏମ୍ ଶ୍ରୀ ନୋଡାଲ ସଦାଶିବ ସୁକୁମାର ସରକାରୀ ଉଚ୍ଚ ବିଦ୍ୟାଳୟ ଉମରକୋଟରେ ବିଦ୍ୟାଳୟସ୍ତରୀୟ କୁଇଜ୍ ପ୍ରତିଯୋଗିତା କରାଯାଇଛି। ଲିଖିତ ଓ ମୌଖିକଭାବେ ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଗଣିତ ଏବଂ ବିଜ୍ଞାନ ସର୍କଲର ମଧ୍ୟ ଏକ କୁଇଜ୍ ପ୍ରତିଯୋଗିତା କରାଯାଇଛି। ଏହି ପ୍ରତିଯୋଗିତାରେ ୬ଷ୍ଠରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଞ୍ଜିତା କୁଅଁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ରେ ଉମରକୋଟ ବିଇଓ ଈଶ୍ୱର ଚନ୍ଦ୍ର ମାଝୀ, ସରକାରୀ ଯୁଜି ହାଇସ୍କୁଲ ଚଢ଼େଇଗୁଡ଼ା ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ରାଉତ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଉମରକୋଟ ପ୍ରଧାନ ଶିକ୍ଷକ ଅସୀମ ବିଶ୍ୱାସ ଓ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ବେଞ୍ଜାମିନ ଉପାସି ଅତିଥିଭାବେ ଯୋଗ ଦେଇଥିଲେ।



କୁଇଜ୍ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀମାନେ।

ସେମାନେ ଛାତ୍ରୀଛାତ୍ରଙ୍କ ତିଆରି ମଡେଲ୍ ବୁଲି ଖୁସି ବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଗଣିତ ଓ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥିଲେ। କୃତୀ ଛାତ୍ରୀ ଛାତ୍ରଙ୍କୁ ପୁରସ୍କୃତ କରା ଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀଙ୍କ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରି ଥିଲେ। ବରିଷ୍ଠ କ୍ରୀଡ଼ା ଶିକ୍ଷକ ବ୍ରଜବନ୍ଧୁ କାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

# ଭଙ୍ଗାଘରେ ବିତୁଛି ଜୀବନ, ଆବାସ ଘର ସାତସପନ

ତେନ୍ତୁଳିଖୁଣ୍ଟି, ୨୪।୨ (ଚିଦାନନ୍ଦ ସାହୁ)

ଗରୀବ ବାସହୀନ ପରିବାରଙ୍କୁ ଘର ଯୋଗାଇବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଇନ୍ଦିରା ଆବାସ, ମୋ କୁଡ଼ିଆ, ବିଜୁ ପକ୍କା ଘର, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ, ଅନ୍ତୋଦୟ ଯୋଜନା ଆଦି ରହିଛି। କିନ୍ତୁ ଏବେବି ଅନେକ ପରିବାର ଅଛନ୍ତି ଯେଉଁମାନେ ଏସବୁ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରିନାହାନ୍ତି। କେତେବେଳେ ସରକାରୀ ଦଳର କର୍ମୀ ସେମାନଙ୍କ ପାଖକୁ ଆସି କାଗଜ ପତ୍ର ନେଇ ଘର କରାଇ ଦେବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି ତ କେତେବେଳେ ସରକାରୀ କର୍ମଚାରୀ ଆସି ଦେଖି ଯାଇଛନ୍ତି। କିନ୍ତୁ ଅନେକ ହିତାଧିକାରୀଙ୍କୁ ଏହାର ଲାଭ ମିଳୁନ ଥିବା ଅଭିଯୋଗ ହେଉଛି। ଯାହାର ଉଦାହରଣ ତନ୍ତୁଳିଖୁଣ୍ଟି ବ୍ଲକ ପରଜାବାରଙ୍ଗପଦର ପଞ୍ଚାୟତ ଖାତିଗୁଡ଼ା ଗ୍ରାମରୁ ସାମ୍ନାକୁ ଆସିଛି।



ଭଙ୍ଗାଘର ଆଗରେ ଅର୍ଜୁନ ଓ ତାଙ୍କ ସ୍ତ୍ରୀ ଗୁରୁବାରି।

ଶଶିଙ୍କର ପାଞ୍ଚ ପୁଅ ବୀର, ରଘୁ, ଅର୍ଜୁନ, ଶିବ, ଯଦୁ ଓ ଝିଅ ଅର୍ଣ୍ଣ। ସେମାନଙ୍କ ମଧ୍ୟରୁ ଅର୍ଜୁନ ଦିବ୍ୟାଙ୍ଗ। ଅର୍ଜୁନଙ୍କ ସ୍ତ୍ରୀ ଗୁରୁବାରି ଓ ମା ଶଶି ଜରାଜୀର୍ଣ୍ଣ ଘରେ ରହୁଛନ୍ତି। ରଘୁ କୁଲି କାମ କରି ଅଜବେଷ୍ଟ ଘର ଟିଏ କରିଛନ୍ତି। ସେହି ଘରେ ମାନସିକ ଭିନ୍ନକ୍ଷମ ଭଉଣୀ ଅର୍ଣ୍ଣ,ଭାଇ ଯଦୁ ଓ ତାଙ୍କ ସ୍ତ୍ରୀ ରହୁଛନ୍ତି। ବଡ଼ ଭାଇ ବୀର ବାହାରେ କାମ କରୁଥିବାରୁ ଗ୍ରାମରେ ରହୁନାହାନ୍ତି। ଭଙ୍ଗା ଘରେ ଘରେ ଖରା ବର୍ଷା ଶୀତରେ ଦୟନୀୟ ସ୍ଥିତିରେ ଭିନ୍ନକ୍ଷମ ଅର୍ଜୁନ ସ୍ତ୍ରୀ ଓ ମା ଶଶିଙ୍କୁ ନେଇ ରହୁଛନ୍ତି। ଶିବ ବିବାହିତ ହୋଇ ନ ଥିବାରୁ କେବେ କାହା ପିଣ୍ଡାରେ ତ କେଉଁ ଦୋକାନ ପିଣ୍ଡିରେ ରାତ୍ରି ଯାପନ କରୁଛନ୍ତି। ସରକାରଙ୍କ ମାଳ ମାଳ ମାଗଣା ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି ଅଥଚ ଏଭଳି ବାସହୀନଙ୍କ ପାଇଁ ସତରେ କିଛି ଯୋଜନା ଅଛି ନା ନାହିଁ ବୋଲି ସାହିବାସୀ ପ୍ରଶ୍ନ କରିଛନ୍ତି। ବିଭିନ୍ନ ସମୟରେ ସରକାରଙ୍କ ଇନ୍ଦିରା ଆବାସଠାରୁ ଆରମ୍ଭ କରି ମୋ କୁଡ଼ିଆ ,ବିଜୁ ପକ୍କା ଘର,ପ୍ରଧାନ ମନ୍ତ୍ରୀ ଆବାସ ଗୃହ ଏପରିକି ଅନ୍ତୋଦୟ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ କୌଣସି ଯୋଜନାରେ ସେମାନଙ୍କୁ କାହିଁକି ଘର ମିଳିନି ବୋଲି ପଚାରିଛନ୍ତି। ସେହି ଗ୍ରାମର ନବେ ବର୍ଷୀୟ କୌଶଲ୍ୟା ପ୍ରଧାନୀ ମଧ୍ୟ ଆବାସ ଯୋଜନାରୁ ବଞ୍ଚିତ ହୋଇ ଅଗଣାରେ ଜୀବନ ବିତାଉଛନ୍ତି। ଏ ସମସ୍ୟା ନେଇ ବିଡିଓ ମନୋଜ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାରୁ ଘଟଣା ସମ୍ପର୍କରେ ଅବଗତ ନ ଥିଲି। ଅନ୍ତୋଦୟ ଯୋଜନାରେ ସାମିଲ କରାଇ ଘର ଦେବା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ମାତୃଭାଷା ଆଧାରରେ ପ୍ରାରମ୍ଭିକ ଶିକ୍ଷାକୁ ମଜଭୁତ କରିବା ଲକ୍ଷ୍ୟ

**ରାୟଗଡ଼ା,୨୪।୨(ଆଶିଷ ରଞ୍ଜନ ପଣ୍ଡା)**

## ଆମେ ପଢ଼ିବା ଆମ ଭାଷା କାର୍ଯ୍ୟକ୍ରମ ଶୁଭାରମ୍ଭ


ଜିଲାପାଳଙ୍କ ସହ ଉପସ୍ଥିତ ଅନ୍ୟ ଅଧିକାରୀ ପୋଷ୍ଟର ଉନ୍ମୋଚନ କରୁଛନ୍ତି ।

ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ 'ଆମେ ପଢ଼ିବା ଆମ ଭାଷା' ଜିଲାସ୍ତରୀୟ ଅନୁସ୍ଥାପନା ଓ କ୍ଷମତା ବିକାଶ କାର୍ଯ୍ୟକ୍ରମ ମଙ୍ଗଳବାର ଆୟୋଜିତ ହୋଇଛି। ପ୍ରାରମ୍ଭିକ ଶିଶୁକାଳ ବିକାଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ। ମାତୃଭାଷାରେ ଶିକ୍ଷାଦାନ ଶିଶୁମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଆଣିବା ଏବଂ ମଜଭୁତ ମୂଳଭୂତ ଶିକ୍ଷଣ ନିଶ୍ଚିତ କରିବାରେ ସାହାଯ୍ୟକରେ ବୋଲି ଜିଲାପାଳ କୁଲକର୍ଣ୍ଣି ଉଦ୍‌ବୋଧନ ଦେଇ କହିଥିଲେ। ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ, ସମୁଦାୟ ଅଂଶଗ୍ରହଣ ଏବଂ ଫ୍ରଣ୍ଟଲାଇନ୍ କାର୍ଯ୍ୟକର୍ତ୍ତାଙ୍କ ସକ୍ରିୟ ସମ୍ପୃକ୍ତିର ଗୁରୁତ୍ୱ ଉପରେ ଜିଲାପାଳ ବର୍ଣ୍ଣନା କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଙ୍ଗନୱାଡ଼ି କେନ୍ଦ୍ରରେ ଥିବା ଆଦିବାସୀ ଶିଶୁଙ୍କ ପାଇଁ ମାତୃଭାଷା ଆଧାରିତ ପ୍ରାରମ୍ଭିକ ଶିକ୍ଷାକୁ ମଜଭୁତକରିବା ଲକ୍ଷ୍ୟ ରହିଛି ବୋଲି ଜିଲାପାଳ କହିଥିଲେ।

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ଏହି ଆମେ ପଢ଼ିବା ଆମ ଭାଷାରେ ଯୋଜନା ୩-୬ ବର୍ଷ ଶିଶୁଙ୍କ ପାଇଁ ସ୍ଥାନୀୟ ଆଦିବାସୀ ଭାଷାରେ ନୂଆ ଅରୁଣିମା ପାଠ୍ୟକ୍ରମ ଏବଂ ଜାତୀୟ ଶିକ୍ଷାନୀତି ୨୦୨୦ ସହ ଯୋଡ଼ି ପ୍ରାରମ୍ଭିକ ଶିକ୍ଷଣକୁ ମଜଭୁତ କରିବାକୁ ଲକ୍ଷ୍ୟ ରହିଛି। ଏହା ଶିଶୁମାନଙ୍କୁ ବୁଝାଇବା କ୍ଷମତା, ଅଂଶଗ୍ରହଣ, ଆତ୍ମବିଶ୍ୱାସ ଏବଂ ବିଦ୍ୟାଳୟ ପ୍ରସ୍ତୁତିକୁ ବଢ଼ାଇବାରେ ସାହାଯ୍ୟ କରିବ। ଏହି କାର୍ଯ୍ୟକ୍ରମରେ ଚୟନିତ ଅଙ୍ଗନୱାଡ଼ି କେନ୍ଦ୍ରରେ କୁଭି ଭାଷାରେ ମାତୃଭାଷା ଆଧାରିତ କ୍ଲାସ୍‌ରୁମ୍ ବ୍ୟବହାରକୁ ମଜଭୁତ କରିବା, ଖେଳ ଆଧାରିତ ଶିକ୍ଷା, ପ୍ରାରମ୍ଭିକ ସାହିତ୍ୟ ଓ ସଂଖ୍ୟାବୋଧ ଏବଂ ସମୁଦାୟ ଅଂଶଗ୍ରହଣ ଉପରେ ବିଶେଷ ଗୁରୁତ୍ୱ ଦେବାପାଇଁ ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲା ସାମାଜିକ କଲ୍ୟାଣ ଅଧିକାରୀ ମୀନତି ଦେଓ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ସହକାରୀ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ଅଙ୍ଗନୱାଡ଼ି କାର୍ଯ୍ୟକର୍ତ୍ତା, ଅଭିଭାବକ, ପଞ୍ଚାୟତିରାଜ ସଦସ୍ୟ, ସୁପରଭାଇଜର, ସିଡିପିଓ, ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ।

# ଚିକିତ୍ସାଧୀନ ଅବସ୍ଥାରେ ଛାତ୍ର ବୀରେନଙ୍କ ମୃତ୍ୟୁ

**ବିଷମକଟକ,୨୪।୨(ପ୍ରସନ୍ନ କୁମାର ପଣ୍ଡା)**

## ସ୍କୁଲରେ ପୋଡ଼ିହୋଇ ୪ ଛାତ୍ର ଗୁରୁତର ଘଟଣା

ଗତ ଜାନୁଆରୀ ୫ରେ ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ପାଇକଡ଼ାକୁଲୁଗୁଡ଼ାସ୍ଥିତ ପ୍ରାଇମେରି ବିଦ୍ୟାଳୟ ପରିସରରେ ପାଠପଢ଼ା ଚାଲିଥିଲା ବେଳେ ଅଗ୍ନିକାଣ୍ଡ ଘଟି ୪ ଛାତ୍ର ଗୁରୁତର ଆହତ ହୋଇଥିଲେ। କଟକ ମେଡିକାଲରେ ଚିକିତ୍ସାଧୀନ ଥିବା ସପ୍ତମ ଶ୍ରେଣୀ ଛାତ୍ର ବୀରେନ ଟାକ୍ରିଙ୍କ ମଙ୍ଗଳବାର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଚିକିତ୍ସା ଅବହେଳାରୁ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ମୃତକଙ୍କ ପରିବାର ଓ ଗ୍ରାମବାସୀ ଅଭିଯୋଗ କରି ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ବିଦ୍ୟାଳୟ ଭିତରେ ଶିକ୍ଷକଙ୍କୁ ତାଲା ପକାଇ ଧାରଣାରେ ବସିଥିଲେ। ଏ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀଙ୍କ ଧାରଣା ଯୋଗୁ ବିଦ୍ୟାଳୟ ପରିସରରୁ କୌଣସି ଶିକ୍ଷକ ବାହାରକୁ ବାହାରି ପାରି ନ ଥିଲେ। ବିଷମକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଦୀର୍ଘ ୩ ଘଣ୍ଟା ପରେ ଶିକ୍ଷକମାନେ ବାହାରକୁ ବାହାରିଥିଲେ।

ସୂଚନାଯୋଗ୍ୟ, ପାଇକଡ଼ାକୁଲୁଗୁଡ଼ାସ୍ଥିତ ପ୍ରାଇମେରି ବିଦ୍ୟାଳୟରେ ଥିନର ବୋତଲ ଥିବାବେଳେ ପିଲାମାନେ ତାକୁ ତଳେ ଢାଳି ଦିଆସିଲି ମାରି ନିଆଁ ଲଗାଇ ଖେଳୁଥିଲେ। ଏହି ସମୟରେ ହଠାତ୍ ନିଆଁ ବ୍ୟାପିଯିବାରୁ ପିଲାମାନଙ୍କ ଶରୀରରେ ଅଗ୍ନି ସଂଯୋଗ ହୋଇଯାଇଥିଲା। ଖବରପାଇ ଶିକ୍ଷକ ଓ ସ୍ଥାନୀୟ ଲୋକେ ସତର୍କତାର ସହ ୪ ଛାତ୍ରଙ୍କୁ ଉଦ୍ଧାରକରି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ। ସେମାନେ ହେଲେ ସପ୍ତମ ଶ୍ରେଣୀର ବୀରେନ ଟାକ୍ରି (୧୨), ନବୀନ ହୁଇକା (୧୨), ରୋହିତ ଖୋରା (୧୨) ଏବଂ ପଞ୍ଚମ ଶ୍ରେଣୀର ସୁଦାମ ବାଗ (୧୦)। ତେବେ ସମସ୍ତେ ସୁସ୍ଥହୋଇ ଘରକୁ ଫେରିଥିବାବେଳେ ବୀରେନ ଟାକ୍ରି ଗୁରୁତର ଥିବାରୁ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିଲେ।

# ଟିକିରି ବଜାରରେ ଘଣ୍ଟାଘଣ୍ଟା ଧରି ଟ୍ରାଫିକ୍ ଜାମ୍

**ଟିକିରି,୨୪।୨(ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ମୁଖ୍ୟ ରାସ୍ତାରେ ଦୈନିକ ଶତାଧିକ ଭାରିଯାନ ଯିବାଆସିବା କରୁଥିବାରୁ ଘଣ୍ଟାଘଣ୍ଟା ଧରି ରାସ୍ତାରେ ଟ୍ରାଫିକ୍ ଜାମ୍ ରହୁଥିବାରୁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳରେ ଦୁଇ ଦୁଇଟି କାରଖାନା ଥିବାରୁ ଦୈନିକ ଶତାଧିକ ମାଲବୋଝେଇ ଟ୍ରକ୍ ଯାତାୟାତ ଯୋଗୁ ଘଣ୍ଟା ଘଣ୍ଟା ଧରି ରାସ୍ତା ଭିଡ଼ ଯୋଗୁ ସ୍କୁଲ, କଲେଜକୁ ଯାଉଥିବା ଛାତ୍ରୀଛାତ୍ର, ବିଭିନ୍ନ କାମରେ ଯାଉଥିବା ଅଞ୍ଚଳବାସୀ ଓ ଆମ୍ବୁଲାନ୍ସ ଅଟକି ରହୁଛନ୍ତି। ଆଗରୁ ଦିନବେଳା ଭାରିଯାନଗୁଡିକ ସହର ମଧ୍ୟକୁ ପ୍ରବେଶକରି ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଅନେକ ଧନଜୀବନ ନଷ୍ଟ ହୋଇଛି। ତେଣୁ ସକାଳ ୭ରୁ ରାତି ୮ଟା ପର୍ଯ୍ୟନ୍ତ ଭାରିଯାନ ସହର ମଧ୍ୟକୁ ପ୍ରବେଶରେ ରୋକ ଲଗାଇବାକୁ ଏବଂ ବାଇପାସ୍ ରାସ୍ତା ତିଆରି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଜିଲା ପ୍ରଶାସନ ଏ ବିଷୟରେ ଗୁରୁତର ସହ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି ।


ସହର ମଧ୍ୟରେ ଭାରିଯାନ ଯାତାୟାତ ଯୋଗୁଁ ଟ୍ରାଫିକ୍ ଜାମ ହୋଇଛି ।

# ବନ ବିଭାଗ ତରଫରୁ ଭଲିବଲ ପ୍ରତିଯୋଗିତା


ଉପଜିଲାପାଳ ଭଲିବଲ ଫିଙ୍ଗି ମ୍ୟାଚର ଶୁଭାରମ୍ଭ କରୁଛନ୍ତି।

**ଚନ୍ଦ୍ରପୁର, ୨୪।୨ (ବିଜୟ ପ୍ରସାଦ ଉଲାକା)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ସଦର ପଞ୍ଚାୟତର ଗୁଞ୍ଜୁମେରା ଗ୍ରାମରେ ସୋମବାର ମୁନିଗୁଡ଼ା ବନାଞ୍ଚଳ ସହଯୋଗକ୍ରମେ ଚନ୍ଦ୍ରପୁର ସେକ୍ସନ ତରଫରୁ ଏକଦିବସୀୟ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ୍ ଆରମ୍ଭ ହୋଇଛି। ରାୟଗଡ଼ା ଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକ ସ୍ୱାତି ଏସ୍ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବନ ବିଭାଗର ଡିଏଫ୍‌ଓ ସଚିନ ଆନ୍ନା ସାହେବ ଓହେଲ, ଗୁଣପୁର ଉପଜିଲାପାଳ ଅଭିଷେକ ଦିଲୀପ ଦୁଧାଲ, ରାୟଗଡ଼ା ଜିଲା ଅତିରିକ୍ତ ଜିଲାପାଳ, ମୁନିଗୁଡ଼ା ଫରେଷ୍ଟ ରେଞ୍ଜର ପ୍ରବୀଣ କୁମାର ଦାସ, ବନପାଳ ଅଶ୍ୱିନୀ କରକରିଆ, ସୁଜାତା ସୁନମୁଦି, ବିଘ୍ନେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦ୍ରପୁର ବ୍ଲକ୍‌ର ୮ଟି ପଞ୍ଚାୟତରୁ ୮ ଟିମ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିସହ ପଡ଼ିଆ ନିକଟରେ ବନ ବିଭାଗ ତରଫରୁ ଜଙ୍ଗଲ ନିଆଁ ଦାଉରୁ ରକ୍ଷା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉପସ୍ଥିତ ଅତିଥିଙ୍କୁ ଗ୍ରାମର ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ଉପଜିଲାପାଳ ଭଲିବଲ ଫିଙ୍ଗି ଖେଳର ଶୁଭାରମ୍ଭ କରିଥିଲେ। ମ୍ୟାଚ୍‌କୁ ଦେଖିବାକୁ ଅଞ୍ଚଳରୁ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ପୂର୍ବତନ ତହସିଲଦାର, କିରାଣିଙ୍କ ନାମରେ ଚାର୍ଜଫ୍ରେମ୍

**ଗୁଣପୁର,୨୪।୨ (ସୁଜାତା ପାଢ଼ୀ)**

## ରେଡ୍‌କ୍ରସ୍ ନାଁରେ ଜାଲ୍ ରସିଦ ଦେଇ ଠକେଇ ଘଟଣା

ରେଡ୍‌କ୍ରସ୍ ନାମରେ ଜାଲ୍ ରସିଦ୍ ଦେଇ ଅର୍ଥ ଆଦାୟ ଅଭିଯୋଗ ଘଟଣାରେ ପୂର୍ବତନ ତହସିଲଦାର ଅକ୍ଷମିତା କାର୍ତ୍ତିକ ଏବଂ କିରାଣି ସନ୍ତୋଷ ନିମାଲାଙ୍କ ନାମରେ ରାୟଗଡ଼ା ଜିଲା ଗୁଣପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମଙ୍ଗଳବାର ଚାର୍ଜଫ୍ରେମ୍ ହୋଇଛି। ଗୁଣପୁରର ପୂର୍ବତନ ଉପଜିଲାପାଳ ଅମୃତ ଋତୁରାଜ ୨୦୧୮ ମାର୍ଚ୍ଚ ୭ରେ ଗୁଣପୁର ଥାନାରେ ଏ ନେଇ ଏକ ମାମଲା ରୁଜୁ କରିଥିଲେ । ଗୁଣପୁର ସହର ଲଛମନ ଢେପୋ ଅଞ୍ଚଳର ଲୋକମାନେ ଜାଲ୍ ରସିଦ ଦେଇ ଅର୍ଥ ଆଦାୟ କରାଯାଇଥିବା ତତ୍କାଳୀନ ଉପଜିଲାପାଳ ଅମୃତ ଋତୁରାଜଙ୍କ ନିକଟରେ ଅଭିଯୋଗ କରିବା ପରେ ସେ ଥାନାରେ ଅଭିଯୋଗ କରିଥିଲେ । ଅକ୍ଷମିତା କାର୍ତ୍ତିକଙ୍କ ପାଇଁ ଉମାଚରଣ ପଟ୍ଟନାୟକ, ଅକ୍ଷୟ ଶତପଥୀ ଏବଂ ସନ୍ତୋଷ ନିମାଲାଙ୍କ ପାଇଁ ଦେବୀପ୍ରସାଦ ଆଚାର୍ଯ୍ୟ ମାମଲା ପରିଚାଳନା କରିଥିଲେ। ଉକ୍ତ ଘଟଣା ସେହି ସମୟରେ ଖୁବ୍ ହଇଚଇ ସୃଷ୍ଟି କରିଥିଲା ।

# ଭଲ ପାଠପଢ଼ିବା ସହ ଭଲ ମଣିଷ ହେବାକୁ ପରାମର୍ଶ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଚନ୍ଦ୍ରପୁର, ୨୪।୨ (ବିଜୟ ପ୍ରସାଦ ଉଲାକା)**

## ହାକୁସପଙ୍ଗା ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ହନୁମନ୍ତପୁର ଗ୍ରାମପଞ୍ଚାୟତ ହାକୁସପଙ୍ଗା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ପିପଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ କଇନ କିମ୍ବାକା, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଜିଲା ନିରୀକ୍ଷକ ବିପିନ ବିହାରୀ ବିଶ୍ୱାଳ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ବାଳକୃଷ୍ଣ ବିହାରୀ, ଉମାକାନ୍ତ ମିଶାଲ, ଏସ୍‌ଏମ୍‌ସି ସଭାପତି ବୁଟୁଡୁ ଦିବାକା, ବୁଡୁବାଲି ସରପଞ୍ଚ ଭୀମ ଗୋଗେରେଙ୍ଗା, ସାମାଜିକ କର୍ମୀ ବିଜୟ ପ୍ରସାଦ ଉଲାକା ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ପିପଲୀ ଓ ଛାତ୍ରୀମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଅତିଥିଙ୍କୁ ସମ୍ମାନିତ କରିଥିଲେ। ଛାତ୍ରୀଛାତ୍ର ଭଲ ପାଠ ପଢ଼ିବା ସହ ଜଣେ ଭଲ ଏବଂ ଶିକ୍ଷିତ ମଣିଷ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଜୟନ୍ତ କୁମାର ପିପୋଲୀ ମଞ୍ଚ ପରିଚାଳନା କରିଥିଲେ । ପରେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

# ସାଇବର ଠକ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

**ଗୁଣପୁର,୨୪।୨( ସୁଜାତା ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ଥାନାରେ ସାଇବର ଅପରାଧକୁ ନେଇ ଏକ ମାମଲା ରୁଜୁହୋଇଛି । ଏସ୍‌ଆଇ ରଞ୍ଜିତ ତ୍ରିପାଠୀଙ୍କ ଅଭିଯୋଗ କ୍ରମେ ଗୁଣପୁର ପୋଲିସ ଅଭିଯୁକ୍ତ ଦେବକାନ୍ତ ଶତପଥୀଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି।

ପୋଲିସ ସୂଚନା ଅନୁଯାୟୀ, ପଦ୍ମପୁର ବ୍ଲକ ନୂଆସାହିର ଜଣେ ଛାତ୍ର ଦେବକାନ୍ତ ଶତପଥୀ ଖିଲାମୁଣ୍ଡା ଗ୍ରାମର ଏନ୍.ଏଙ୍କେଟିଙ୍କ ମାଲିକାନାରେ ସନ୍ତୋଷ ଟ୍ରେଡର ନାମରେ ଏକ ବେନାମୀ ଚଳନ୍ତି ଆକାଉଣ୍ଟ ଖୋଲିଥିଲେ। ଆକାଉଣ୍ଟର ନମ୍ବର ୪୨୯୨୦୭୦୩୯୫୮ ଏବଂ ଏହା ଗୁଣପୁର ଏସ୍‌ବିଆଇ ମୁଖ୍ୟ ଶାଖାରେ ରହିଥିଲା । ଦେବକାନ୍ତ ବେଙ୍ଗାଲୁରୁର ଜଣେ ଯୁବକଙ୍କ ସହ ମିଶି ବେନାମୀ ଆକାଉଣ୍ଟରେ ଦୈନନ୍ଦିନ ଟଙ୍କା କାରବାର କରୁଥିଲେ। ଆକାଉଣ୍ଟଧାରୀ ଏନ୍ .ଏଙ୍କେଟିଙ୍କୁ ପୋଲିସ ପଚରାଉଚୁରା କରିବା ପରେ ଏହା ଏକ ବେନାମୀ ଆକାଉଣ୍ଟ ବୋଲି ଜଣାପଡିଥିଲା। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ବେଙ୍ଗାଲୁରୁ ଅଞ୍ଚଳର ରାହୁଲ ନାମକ ଯୁବକ ଫେରାର ଅଛନ୍ତି। ଆକାଉଣ୍ଟ ବନ୍ଦ କରିବା ସହ ୩ଟି ମୋବାଇଲକୁ ପୋଲିସ ଜବତ କରିଛି। ଏ ନେଇ ପୋଲିସ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି ।


**ଜାତିପ୍ରଥାର ନଗ୍ନ ଚିତ୍ର:** ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କଂଗ୍ରା ଗ୍ରାମର ଦୁର୍ଯ୍ୟନ ମାଝୀଙ୍କ ଝିଅମାନେ ଅନ୍ୟ ଜାତିରେ ବିବାହ କରିଥିବାରୁ ତାଙ୍କ ମୃତ୍ୟୁ ପରେ ସାହି ଭାଇ ମୃତଦେହକୁ କାନ୍ଧ ଦେଇ ନ ଥିଲେ। ମଙ୍ଗଳବାର ମୃତକଙ୍କ ଭଉଣୀ, ଭାଣେଜୀ, ସାନ ଝିଅ ଓ ପୁଅ ମୃତଦେହ କାନ୍ଧେଇ ଶ୍ମଶାନକୁ ନେଉଛନ୍ତି।

# ନବରଙ୍ଗପୁରରେ ଉଦ୍‌ବେଗଜନକ ଡ୍ରପ୍‌ଆଉଟ୍‌ଙ୍କ ସଂଖ୍ୟା

**ନବରଙ୍ଗପୁର, ୨୪।୨(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାରେ ବଢ଼ୁଛି ଡ୍ରପ୍‌ଆଉଟ୍‌ଙ୍କ ସଂଖ୍ୟା। ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ିଦେବା ଘଟଣା ଦିନକୁ ଦିନ ଗମ୍ଭୀର ରୂପ ନେଉଛି। ପ୍ରାଥମିକରୁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ମାଧ୍ୟମିକସ୍ତର ପର୍ଯ୍ୟନ୍ତ ଡ୍ରପଆଉଟ୍ ସଂଖ୍ୟା ବଢୁଥିବାରୁ ଶିକ୍ଷା ବିଭାଗ ସହିତ ସାମାଜିକ ସଙ୍ଗଠନଗୁଡ଼ିକ ଚିନ୍ତିତ ହୋଇପଡ଼ିଛନ୍ତି।

ବିଧାନସଭାରେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ରାଜ୍ୟରେ ୫ ବର୍ଷରେ ଡ୍ରପଆଉଟ୍ ସଂଖ୍ୟା କେତେ ରହିଛି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ଗଣ୍ଡ ଯେଉଁ ତଥ୍ୟ ଦେଇଛନ୍ତି, ତାହାକୁ ତର୍ଜମା କଲେ ଅବିଭକ୍ତ କୋରାପୁଟର ୪ ଜିଲା ମଧ୍ୟରୁ ନବରଙ୍ଗପୁରର ଡ୍ରପଆଉଟ୍ ସଂଖ୍ୟା ଉଦ୍‌ବେଗଜନକ। ପ୍ରାଥମିକ ବିଦ୍ୟାଳୟସ୍ତରରେ ନବରଙ୍ଗପୁର ଜିଲାରେ ଡ୍ରପ୍‌ଆଉଟ୍ ସଂଖ୍ୟା ୧.୭୩% ରହିଛି। ସେଥିମଧ୍ୟରୁ ବାଳିକା ୨.୦୧ ଓ ବାଳକ ୧.୪୫%। ନବରଙ୍ଗପୁର ଜିଲାରେ ଉଚ୍ଚ ପ୍ରାଥମିକସ୍ତରରେ ୧୦.୫୭% ଡ୍ରପ୍‌ଆଉଟ୍ ହାର। ବାଳିକା ୧୦.୯୧ ଓ ବାଳକ ୧୦.୨୫%। ଏଠାରେ ପ୍ରାଥମିକସ୍ତରରୁ ଉଚ୍ଚ ପ୍ରାଥମିକସ୍ତରକୁ ଆସିବାବେଳେ ଛାତ୍ରୀଛାତ୍ରଙ୍କ ଡ୍ରପ୍‌ଆଉଟ ସଂଖ୍ୟା ବଢ଼ିଛି। ନବରଙ୍ଗପୁର ଜିଲାରେ ମାଧ୍ୟମିକ ସ୍ତରରେ ୧୯.୫୫% ଡ୍ରପ୍‌ଆଉଟ୍ ହାର। ବାଳିକା ୨୦.୮୩ ଓ ବାଳକମାନଙ୍କ ଡ୍ରପଆଉଟ୍ ସଂଖ୍ୟା ୧୮.୩୯% ରହିଛି। ପ୍ରାଥମିକ ବିଦ୍ୟାଳୟରେ କୋରାପୁଟ ଜିଲା ୧.୯୦%, ମାଲକାନଗିରି ଜିଲା ୩.୧୬% ଓ ରାୟଗଡ଼ା ଜିଲା ୨.୪୬% ରହିଛି। ତେବେ ପ୍ରାଥମିକ ବିଦ୍ୟାଳୟରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଡ୍ରପଆଉଟ୍ ସଂଖ୍ୟା ନବରଙ୍ଗପୁର ଜିଲାରେ ଅଧିକ ରହିଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରରେ କୋରାପୁଟ ଜିଲା ୪.୯୬%, ମାଲକାନଗିରି ଜିଲା ୨.୯୯% ଓ ରାୟଗଡ଼ା ଜିଲା ୪.୨୫% ରହିଛି। ହାଇସ୍କୁଲ ତଥା ମାଧ୍ୟମିକସ୍ତରକୁ ଦେଖିଲେ ମଧ୍ୟ ଏକା ପରିସ୍ଥିତି। ନବରଙ୍ଗପୁର ଜିଲାରେ ମାଧ୍ୟମିକ ସ୍ତରରେ ୧୯.୫୫%, କୋରାପୁଟ ଜିଲା ୧୬.୧୯%, ମାଲକାନଗିରି ଜିଲା ୧୩ .୧୦% ଓ ରାୟଗଡ଼ା ଜିଲାରେ ୧୫.୫୮% ଡ୍ରପଆଉଟ୍ ହାର ରହିଛି। ଆର୍ଥିକ ଅଭାବ, ଶିଶୁ ଶ୍ରମ, ପାରିବାରିକ ଦାୟିତ୍ୱ ଓ ଅଭିଭାବକଙ୍କର ଅସଚେତନତା ଡ୍ରପଆଉଟ୍ ବୃଦ୍ଧିର ପ୍ରମୁଖ କାରଣ। କିଶୋରୀମାନଙ୍କ ବାଲ୍ୟବିବାହ ମଧ୍ୟ ଶିକ୍ଷା ବିଚ୍ଛିନ୍ନତାକୁ ବଢ଼ାଇ ଦେଉଛି। ସରକାର ମଧ୍ୟାହ୍ନଭୋଜନ, ମାଗଣା ପୁସ୍ତକ, ପୋଷାକ, ସାଇକେଲ ଓ ଛାତ୍ରବୃତ୍ତି ଯୋଜନା ଆଣିଥିଲେ ମଧ୍ୟ ଠିକ୍ କାର୍ଯ୍ୟକାରୀ ନ ହେବା ନେଇ ଅଭିଯୋଗ ଉଠୁଛି। ଡ୍ରପଆଉଟ୍ ସଂଖ୍ୟା ବୃଦ୍ଧି ଏକ ଶୁଭ ସଙ୍କେତ ନୁହେଁ। ଏହା ଦ୍ୱାରା ଅଶିକ୍ଷା, ବେକାରି ଓ ସାମାଜିକ ଅସମତା ବଢ଼ିବା ଆଶଙ୍କା ରହିଛି। ତେଣୁ ଏହି ସମସ୍ୟାକୁ ରୋକିବା ପାଇଁ ସରକାର, ଶିକ୍ଷା ବିଭାଗ ଓ ଅଭିଭାବକମାନେ ସମନ୍ୱିତ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଏହି ପରିସ୍ଥିତିରେ ବିଦ୍ୟାଳୟମାନଙ୍କର ଗୁଣାତ୍ମକ ଶିକ୍ଷା, ଛାତ୍ରୀଛାତ୍ରଙ୍କୁ ନିୟମିତ ପରାମର୍ଶ ଓ ଅଭିଭାବକଙ୍କ ସଚେତନତା କାର୍ଯ୍ୟକ୍ରମ ଜରୁରୀ ହୋଇପଡ଼ିଛି। ଡ୍ରପଆଉଟ୍ ରୋକିବା ପାଇଁ ଦୃଢ଼ ନୀତି ଓ କାର୍ଯ୍ୟ କରିବା ପାଇଁ ପ୍ରୟାସ ନ ହେଲେ ଶିକ୍ଷା ବ୍ୟବସ୍ଥା ଆହୁରି ସଙ୍କଟରେ ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଉଛି। ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ମାଧ ସିଂ ହାତଖର୍ଚ୍ଚ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଛି। ସ୍ୱତନ୍ତ୍ର ଭାବେ ବାଳିକା ଶିକ୍ଷା ବୃଦ୍ଧି ପାଇଁ କେବିକେ ଅଞ୍ଚଳରେ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ, ଅନୁସୂଚିତ ଜାତି, ଜନଜାତି ବିଭାଗ ଦ୍ୱାରା ଆଶ୍ରମ ଓ ସେବାଶ୍ରମ ଖୋଲାଯାଇଛି। ଏହାସତ୍ତ୍ୱେ ଡ୍ରପଆଉଟ୍ ହାର କମିବାର ନାଁ ଧରୁନଥିବାରୁ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

# ସମସ୍ତେ ମିଶି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାକୁ ଆହ୍ୱାନ

## ବନାଗ୍ନି ରୋକିବା ପାଇଁ ସଚେତନତା କର୍ମଶାଳା

**ରାୟଗଡା, ୨୪।୨ (ଆଶିଷ ରଞ୍ଜନ ପଣ୍ଡା)**


ବୈଠକରେ ବନ ବିଭାଗ ଅଧିକାରୀ ସୂଚନା ଦେଉଛନ୍ତି।

ଗ୍ରୀଷ୍ମଋତୁରେ ଜଙ୍ଗଲ ନିଆଁର ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ରାୟଗଡ଼ା ବନଖଣ୍ଡ ସ୍ତରରେ ଜଙ୍ଗଲ ନିଆଁ ନିବାରଣ ଓ ପ୍ରତିକାର ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାୟଗଡ଼ା ବନଖଣ୍ଡର ୭ଟି ବନାଞ୍ଚଳର ଅଧିକାରୀ, ବନପାଳ, ବନରକ୍ଷୀଙ୍କ ସମେତ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ବୈଠକରେ ଜଙ୍ଗଲ ନିଆଁ ହେବାର କାରଣ, ତାହାର କୁପ୍ରଭାବ ଓ ପୂର୍ବ ନିବାରଣ ପଦକ୍ଷେପ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଜଙ୍ଗଲ ମଧ୍ୟରେ ଶୁଖିଲା ପତ୍ର ଓ ଜ୍ୱଳନଶୀଳ ପଦାର୍ଥ ସଫାକରିବା, ଅଗ୍ନି ନିରୋଧକ ରେଖା ସୃଷ୍ଟିକରିବା, ଶିକାର ପାଇଁ ଜଙ୍ଗଲରେ ନିଆଁ ନ ଲଗାଇବା, ଜଙ୍ଗଲ ମଧ୍ୟରେ ପୋଡୁଚାଷ ନ କରିବା, ଜଳୁଥିବା ନିଆଁକୁ ଭଲ ଭାବେ ଲିଭାଇବା, ମଜା ଦେଖିବା ପାଇଁ ଜଙ୍ଗଲ ତଳେ ନିଆଁ ନ ଲଗାଇବା, ବନାଗ୍ନି ସମ୍ପର୍କରେ ତୁରନ୍ତ ସୂଚନା ପ୍ରଦାନ ପ୍ରଣାଳୀ ଓ ସ୍ଥାନୀୟ ଲୋକଙ୍କ ସହଯୋଗକୁ ଗୁରୁତ୍ୱ ଦିଆଯିବା ଉପରେ ଜୋର ଦିଆଯାଇଥିଲା। ଜଙ୍ଗଲରେ ନିଆଁ ଲଗାଇବା ଏକ ଆଇନଗତ ଅପରାଧ ଏବଂ ଏଥିପାଇଁ ଦୋଷୀଙ୍କୁ ୭ ବର୍ଷ ଜେଲଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଦେବାକୁ ପଡିବ ବୋଲି ବୈଠକରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମ୍ପୃକ୍ତ ବନ ଅଧିକାରୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅବଗତ କରାଇଥିଲେ। ସେହିପରି ଓଡ଼ିଶା ସରକାରଙ୍କ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ରାୟଗଡ଼ା ଜିଲା ବନଖଣ୍ଡ ଅନ୍ତର୍ଗତ ୭ଟି ବନାଞ୍ଚଳରେ ବନ ବିଭାଗ ପକ୍ଷରୁ ଗ୍ରାମସ୍ତରରେ ସଚେତନତା ଅଭିଯାନ, ରାଲି,ତ୍ୱରିତ ପ୍ରତିକ୍ରିୟା ପାଇଁ ବନ ସୁରକ୍ଷା ସମିତି ଗଠନ କରାଯାଇଛି। ଜଙ୍ଗଲ ନିଆଁ ଦେଖାଗଲେ ଜରୁରିକାଳୀନ ପରିସ୍ଥିତିରେ ରାୟଗଡା ବନଖଣ୍ଡ କଣ୍ଟ୍ରୋଲ ରୁମ୍‌କୁ ସୂଚନା ଦେବାକୁ ସାଧାରଣ ଜନତାକୁ ଆହ୍ୱାନ କରିବା ସହ ସଚେତନତା ନିମନ୍ତେ ଖବର ପ୍ରସାରଣ ପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ ।

ପ୍ରକାଶ ଥାଉ କି ଗତବର୍ଷ ରାୟଗଡ଼ା ବନାଞ୍ଚଳରେ ୩୮୦ଟି ସ୍ଥାନରେ ନିଆଁ ଲାଗିଥିବା ପଏଣ୍ଟ ଚିହ୍ନଟ ହୋଇଥିଲା । ସମସ୍ତେ ମିଳିମିଶି ଜଙ୍ଗଲକୁ ନିଆଁଦାଉରୁ ରକ୍ଷା କରିବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରାଇବା ଏବଂ ଜଙ୍ଗଲ ସମ୍ପଦ ସୁରକ୍ଷା ଏବଂ ପରିବେଶ ସଂରକ୍ଷଣକୁ ସଫଳ କରିବା ପାଇଁ ଅଙ୍ଗୀକାରବଦ୍ଧ ହେବା ବୋଲି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଡିଏଫ୍‌ଓ ସଚିନ ଆନ୍ନାସାହେବ ଓହୋଲେ ଅନୁରୋଧ କରିଛନ୍ତି । ବୈଠକରେ ଏସିଏଫ୍ ଅଶୋକ କୁମାର ପ୍ରଧାନ, ସତୀଶ କୁମାର ଧାରୁଆ, ସନ୍ଦୀପ କୁମାର ପୃଷ୍ଟି, ରାୟଗଡ଼ା ରେଞ୍ଜର କାମେଶ୍ୱର ଆଚାରୀ, ଗୁଣପୁରରୁ ଗଙ୍ଗାଧର ମିଶ୍ର, ଗୁଡାରିରୁ ସୁକୁମାର ଦୁଖୁଙ୍କ ସମେତ ଅନ୍ୟ ବନ କର୍ମଚାରୀ ଉପସ୍ଥିତ ରହିଥିଲେ ।

# ଜୟପୁର ପୌରାଧ୍ୟକ୍ଷଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଦାବି

କୋରାପୁଟ,୨୪।୨(ଅମିତାଭ ବେହେରା)


ଦାବିପତ୍ର ଦେବାକୁ ଆସିଥିବା ବିଜେଡି କର୍ମୀ ଓ କାଉନ୍‌ସିଲରମାନେ।

କୋରାପୁଟ ଜିଲା ଜୟପୁର ପୌର ପରିଷଦ ଅଧ୍ୟକ୍ଷଙ୍କ ବିରୋଧରେ ଦୁର୍ନୀତି ଓ ଅନିୟମିତତା ଅଭିଯୋଗ ନେଇ ବିଜେଡିର ଜିଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ମିଶ୍ର, ପୂର୍ବତନ ପୌରାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥଙ୍କ ନେତୃତ୍ୱରେ ବହୁ କାଉନସିଲର ଜିଲାପାଳଙ୍କୁ ଅଭିଯୋଗ ପତ୍ର ଦେଇ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଏଥିସହ ପ୍ରଚଳିତ ପୌର ପରିଷଦକୁ ସ୍ଥଗିତ କରିବା ନେଇ ସରକାରଙ୍କୁ ସୁପାରିସ କରିବାକୁ ଦାବି କରିଛନ୍ତି। ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ନିଜସ୍ୱ ଲାଭ ପାଇଁ ଭୁଲ୍ ମେଡିକାଲ ସାର୍ଟିଫିକେଟ୍ ବ୍ୟବହାର କରି ବସ୍ ପରମିଟ ନେଇଥିବା ଅଭିଯୋଗ ରହିଛି। ସେ ୧୦୬ ଦିନ ଚିକିତ୍ସାଧୀନ ଥିବା ଦର୍ଶାଇ ସାର୍ଟିଫିକେଟ ଦେଇଥିବା ସତ୍ତ୍ୱେ ସେହି ସମୟରେ ପୌରସଭା କାର୍ଯ୍ୟାଳୟକୁ ଯାଇ କାମ କରିଥିବା, ଡିଜେଲ ଗ୍ରହଣ କରିଥିବା ଓ ବିଭିନ୍ନ ଉନ୍ନୟନ କାମର ଉଦ୍‌ଘାଟନ କରିଥିବା ଅଭିଯୋଗକାରୀମାନେ କହିଛନ୍ତି। ଏଥିଯୋଗୁ ପଦମର୍ଯ୍ୟାଦାର ଦୁର୍ବ୍ୟବହାର ହୋଇଥିବା କୁହାଯାଇଛି। ଜୟପୁରର

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲା ବିଜେଡି

ଜଗନ୍ନାଥ ସାଗର ଉନ୍ନୟନ ପ୍ରକଳ୍ପରେ ମଧ୍ୟ ବ୍ୟାପକ ଅନିୟମିତତା ଘଟିଥିବା ଅଭିଯୋଗ କରାଯାଇଛି। ସରକାରୀ ଅନୁଦାନ ସହ ଅନ୍ୟାନ୍ୟ ସଂସ୍ଥାରୁ ମିଳିଥିବା ଅର୍ଥର ସ୍ପଷ୍ଟ ତଥ୍ୟ ସାର୍ବଜନୀନ କରାଯାଇ ନ ଥିବା କୁହାଯାଇଛି। ପ୍ରକଳ୍ପର ମୋଟ ଅନୁମୋଦିତ ଖର୍ଚ୍ଚ, ବିସ୍ତୃତ ଆନୁମାନିକ ମୂଲ୍ୟ, ବ୍ୟୟ ବିବରଣୀ ଓ ଟେଣ୍ଡର ପ୍ରକ୍ରିୟାରେ ପାରଦର୍ଶିତା ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଶୀଘ୍ର ତଦନ୍ତକରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ଅଭିଯୋଗ ପତ୍ର ଜରିଆରେ ଦାବି କରିଛନ୍ତି।

# ପ୍ରେମ ପାଇଁ ମା', ନାବାଳକ ଭାଇଙ୍କୁ ହତ୍ୟା ଅଭିଯୋଗ

କୋରାପୁଟ, ୨୪।୨(ଅମିତାଭ ବେହେରା)

ପ୍ରେମ ପାଇଁ ଜଣେ ନାବାଳିକା ତାଙ୍କ ପ୍ରେମିକ ସହ ମିଶି ମା' ଓ ନାବାଳକ ଭାଇଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅଞ୍ଚଳରୁ ଏହି ଖବର ସାମନାକୁ ଆସିଛି। ସୋମବାର ଏକ କେନାଲରୁ ଅଖା ଭିତରୁ ନାବାଳକ ଭାଇର ଗଳିତ ମୃତଦେହ ଜବତ ହୋଇଥିଲା। ମଙ୍ଗଳବାର ନିଖୋଜ ଥିବା ଅନୁଷ୍କା ପରିଡ଼ା(୪୫)ଙ୍କ ମୃତଦେହ ବୋରିଗୁମ୍ମା ଥାନା ଅଧୀନ ଜୟନ୍ତଗିରି କେନାଲରୁ ମିଳିଛି। ଘଟଣାରେ ପୋଲିସ ନାବାଳିକା, ତାଙ୍କ ପ୍ରେମିକ ଓ ଅନ୍ୟ ଜଣେ ସହଯୋଗୀଙ୍କୁ ସୋମବାରଠାରୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ମଙ୍ଗଳବାର ଅପରାହ୍ନରେ ପୋଲିସ ପ୍ରେମିକ ଓ ତାଙ୍କ ସହଯୋଗୀଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏସନ୍ କରିଥିବା ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ, କୋରାପୁଟ ଜିଲା ବୋରିଗୁମ୍ମାସ୍ଥିତ ଦାସିରି ସାହିର ବୋରିଗୁମ୍ମା ମୁଖ୍ୟ ରାସ୍ତାରେ ଅନୁଷ୍କା, ପୁଅ ଏହେମ୍ ଓ ନାବାଳିକ ଝିଅ(୧୬) ରହୁଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ସହ ନାବାଳିକାଙ୍କ ପ୍ରେମ ସମ୍ପର୍କ ଥିବା ବେଳେ ଅନୁଷ୍କା ଏହାକୁ ବିରୋଧ କରୁଥିଲେ। ଅଧିକାଂଶ ସମୟ ପ୍ରେମ ସମ୍ପର୍କକୁ ନେଇ ଅନୁଷ୍କାଙ୍କ ଝିଅ ସହ ଝଗଡ଼ା ହେଉଥିବା ସୂଚନା ମିଳିଛି। ଏଥିରେ ଉତ୍ୟକ୍ତ ହୋଇ ସବୁଦିନ ପାଇଁ ମା'ଙ୍କୁ ରାସ୍ତାରୁ ହଟାଇବା ପାଇଁ ପ୍ରେମିକ ସହ ମିଶି ଏଭଳି ଅମାନୁଷିକ କାଣ୍ଡ କରିଥିବା ଅଭିଯୋଗ ହୋଇଛି। ୨୦ ତାରିଖରେ ଅନୁଷ୍କାଙ୍କ ମୋବାଇଲ ବନ୍ଦ ଥିବାରୁ କିଛି ଅଘଟଣ ସନ୍ଦେହ କରି ଖୋଜାଖୋଜି କରି ନ ପାଇବାରୁ ପରିବାର ସଦସ୍ୟମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅନୁଷ୍କା ଓ ତାଙ୍କ ପୁଅ ନିଖୋଜ ଥିବା ନେଇ ଭାଇ ସତ୍ୟବାନ ପାତ୍ର ଗତ ଶନିବାର ଥାନାରେ ଅଭିଯୋଗ କରିଥିଲେ। ଉଭୟଙ୍କୁ ତାଙ୍କ ନାବାଳିକା ଭାଣିଜୀ ଓ ତାଙ୍କ ପ୍ରେମିକ ହତ୍ୟା କରିଥିବା ଏତଲାରେ ଉଲ୍ଲେଖ କରିଥିଲେ। ପୋଲିସ ନଂ. ୪୫/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୋମବାର କୋଟପାଡ଼ ଥାନା ଅଧୀନ ଅଣ୍ଡିରାମୁଣ୍ଡା କେନାଲରୁ ଏକ ଅଖାରେ ମୃତଦେହ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ, ଅଗ୍ନିଶମ ବିଭାଗ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏହା ଏହେମ୍‌ଙ୍କ ମୃତଦେହ ବୋଲି ଚିହ୍ନଟ ହୋଇଥିଲା। ଏହେମଙ୍କ ଗଳା କାଟି ହାତଗୋଡ଼ ବାନ୍ଧି ନିର୍ମମ ଭାବେ ହତ୍ୟା କରାଯାଇଥିବା ଜଣାପଡ଼ିଛି। ହତ୍ୟାକାଣ୍ଡରେ ଅନ୍ୟ କାହାର ସମ୍ପୃକ୍ତି ରହିଛି ଅଧିକ ତଦନ୍ତ ପରେ ଜଣାପଡ଼ିବ ବୋଲି ବୋରିଗୁମ୍ମା ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା କହିଛନ୍ତି।

# ପକ୍କାରାସ୍ତା ନିର୍ମାଣ ଦାବିକଲେ ଗ୍ରାମବାସୀ


ହାତୀବାରୀ-ବାଲିଆଗୁଡ଼ା ଓ ହାତୀବାରୀ-ନାରିଗାଁ ରାସ୍ତା।

ନନ୍ଦପୁର/ପାଡୁଆ,୨୪।୨
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ହାତୀବାରି ଓ ଚାଟୁଆ ପଞ୍ଚାୟତ ୧୩ ଗ୍ରାମବାସୀଙ୍କୁ ପାଇଁ ପକ୍କାରାସ୍ତା ନ ଥିବା ବେଳେ ଗୋଡ଼ି ପଥରମୟ ମାଟି ରାସ୍ତାରେ ଲୋକେ ଯାତାୟାତ କରୁଛନ୍ତି। ଅସରାଏ ବର୍ଷାରେ ରାସ୍ତା କାଦୁଅମୟ ଓ ଖସଡ଼ା ହୋଇ ଯାତାୟାତରେ ବାଧକ ହେଉଛି। ବର୍ଷା ଲାଗି ରହିଲେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଉଛି। ୧୩ ଗ୍ରାମବାସୀ ହାତୀବାରି-ନାରିଗାଁ ଓ ହାତୀବାରି-ବାଲିଆଗୁଡ଼ା ୨ ପକ୍କା ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି। ଏହି ୨ ରାସ୍ତା ନିର୍ମାଣ ହେଲେ ୨ ପଞ୍ଚାୟତର ୧୩ ଗ୍ରାମବାସୀ ଉପକୃତ ହେବେ ବୋଲି ଘାସିରାମ ଖିଲ, ସମରା ଖରା, ଧର୍ମାନନ୍ଦ ଖରା, ଧନୁ ପାଙ୍ଗୀ, ଦେବେନ୍ଦ୍ର ଖିଲ, ତିଲୁସୁ ହନ୍ତାଲ ଓ ରାମମୂର୍ତ୍ତି ହନ୍ତାଲ ପ୍ରମୁଖ ଅନୁରୋଧ କରିଛନ୍ତି। ହାତୀବାରି-ବାଲିଆଗୁଡ଼ା ରାସ୍ତା ନିର୍ମାଣ ହେଲେ ପଇଲାଡ଼ିଗୁଡା, ହିନ୍ତାବାରି, ପଡ଼ାଗୁଡା, ଜଳିପାଡ଼, ବୁର୍ଦ୍ଧାଗୁଣ୍ଟା, ଦିଶାରିଗୁଡ଼ା,ଲେଞ୍ଜିଗୁଡ଼ା ଓ ବାଲିଆଗୁଡ଼ା ଗ୍ରାମକୁ ଯାତାୟାତରେ ସୁବିଧା ହେବ। ସେହିଭଳି ହାତୀବାରି-ନାରିଗାଁ ରାସ୍ତା ନିର୍ମାଣ ହେଲେ ବେତବାରି,ଡମନିଖୋଲା, ଗିଲାଗୁଣ୍ଟା ଓ ନାରୀଗାଁବାସୀ ଉପକୃତ ହେବେ ବୋଲି କହିଛନ୍ତି। ନନ୍ଦପୁର ବ୍ଲକ, କୋରାପୁଟ ଜିଲା ଓ ରାଜ୍ୟ ପ୍ରଶାସନ ସମେତ ଆର୍‌ଡି ବିଭାଗ ୨ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ତଦାରଖ କରି ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଅନୁରୋଧ କରିଛନ୍ତି।

# ଛାତ୍ରୀଛାତ୍ରଙ୍କୁ ହଷ୍ଟେଲରେ ଅଗ୍ରାଧିକାର ଦେବାକୁ ଦାବି

## ଜିଲାପାଳ, ପ୍ରିନ୍ସିପାଲଙ୍କୁ ଦାବିପତ୍ର

ପଟାଙ୍ଗି,୨୪।୨(ଶରତ କୁମାର ଧଳ)


ସରପଞ୍ଚ ଲିଉ ଗେମେଲ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

କୋରାପୁଟ ଜିଲା ପଟାଙ୍ଗି ବ୍ଲକ ଅଧୀନ କୋଟିଆ ପଞ୍ଚାୟତ ସ୍ୱତନ୍ତ୍ର ଆଦର୍ଶ ବିଦ୍ୟାଳୟ ନିକଟ ଗ୍ରାମର ଛାତ୍ରୀଛାତ୍ରଙ୍କୁ ହଷ୍ଟେଲରେ ଅଗ୍ରାଧିକାର ଦେବାକୁ ପ୍ରିନ୍ସିପାଲଙ୍କୁ ସରପଞ୍ଚ ଲିଉ ଗେମେଲ ସାକ୍ଷାତ କରି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତରେ ରାଜ୍ୟ ସରକାର ସ୍ୱତନ୍ତ୍ର ଆଦର୍ଶ ବିଦ୍ୟାଳୟ ଖୋଲିଛନ୍ତି। କିନ୍ତୁ ଏହି ବିଦ୍ୟାଳୟଠାରୁ ୫ କି.ମି. ଦୂରରେ ଥିବା ଛାତ୍ରୀଛାତ୍ରଙ୍କୁ ହଷ୍ଟେଲରେ ରହି ପାଠ ପଢିବାକୁ ସରକାରୀ ସ୍ତରରେ ଗୁରୁତ୍ୱ ଦିଆଯାଉଛି। ବିଦ୍ୟାଳୟ ନିକଟବର୍ତ୍ତୀ ଯଥା ୫ କି.ମି. ଭିତରେ ରହୁଥିବା କୁରୁଡିପଦର, ଗଞ୍ଜେଇ ପଦର, କୋଟିଆ, ଜାନିଗୁଡା ଓ ଉପରସେମ୍ଭି ପ୍ରମୁଖ ଗ୍ରାମର ଛାତ୍ରୀଛାତ୍ରଙ୍କୁ ହଷ୍ଟେଲରେ ରହି ପାଠ ପଢିବା ସୁବିଧା ନ ଥିବା କୁହାଯାଇଛି। ସରପଞ୍ଚ ଗେମେଲ ଏହାକୁ ଗୁରୁତ୍ୱ ଦେଇ ପ୍ରିନ୍ସିପାଲଙ୍କୁ ସାକ୍ଷାତ କରିଛନ୍ତି। ଏହି ଗ୍ରାମର ଛାତ୍ରୀଛାତ୍ର ହଷ୍ଟେଲରେ ରହି ପାଠ ପଢି ପାରିବା ନେଇ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏ ନେଇ ବ୍ଲକ ଓ ଜିଲା ପ୍ରଶାସନକୁ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ଏଥିରେ କେହି ଗୁରୁତ୍ୱ ଦେଇନାହାଁନ୍ତି। ସରକାର ଏଥିପ୍ରତି କାହିଁକି ଗୁରୁତ୍ୱ ଦେଉନାହାଁନ୍ତି ବୋଲି ପ୍ରଶ୍ନ କରିଛନ୍ତି। ସମସ୍ୟା ନେଇ ସରପଞ୍ଚ ଗେମେଲ ଜିଲାପାଳ ମନୋଜ ସତ୍ୟବାନଙ୍କୁ ସାକ୍ଷାତ କରି ଦାବିପତ୍ର ଦେବା ସହ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ବିଦ୍ୟାଳୟ ଖୋଲିବାକୁ ୩ ବର୍ଷ ବିତିଥିବା ବେଳେ ଛାତ୍ରୀମାନଙ୍କ ପାଇଁ ହଷ୍ଟେଲ ସୁବିଧା ରହିଛି। ଛାତ୍ରମାନଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# କୋରାପୁଟରେ ଏଲ୍‌ଆଇସି ଶାଖା ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଏଲ୍‌ଆଇସି ପରିଚାଳନା ନିର୍ଦ୍ଦେଶକ ରତ୍ନାକର ପଟ୍ଟନାୟକ ଓ ଅନ୍ୟମାନେ।

କୋରାପୁଟ,୨୪।୨(ଅମିତାଭ ବେହେରା)

କୋରାପୁଟରେ ଭାରତୀୟ ଜୀବନବୀମା ନିଗମ(ଏଲ୍‌ଆଇସି)ର ଏକ ଅତ୍ୟାଧୁନିକ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଏଲ୍‌ଆଇସି ପରିଚାଳନା ନିର୍ଦ୍ଦେଶକ ରତ୍ନାକର ପଟ୍ଟନାୟକ ଦିନିକିଆ କୋରାପୁଟ ଜିଲା ଗସ୍ତରେ ଆସି ଏହାକୁ ଉଦ୍‌ଘାଟନ କରିଛନ୍ତି। ଗ୍ରାହକଙ୍କୁ ଉପଯୁକ୍ତ ସେବା ଓ ସୁବିଧା ପ୍ରଦାନ କରାଯିବା ନେଇ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ଜୀବନବୀମାରେ ଗ୍ରହଣ କରାଯିବାକୁ ଥିବା ନୂତନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଜୋନାଲ ପ୍ରବନ୍ଧକ ପ୍ରେମେନ୍ଦ୍ର ହରି, କାର୍ଯ୍ୟକାରୀ ନିର୍ଦ୍ଦେଶକ ପି.କେ.ଜେ. ଡୁଙ୍ଗ୍‌ଡୁଙ୍ଗ୍, ଉପଖଣ୍ଡ ଅଧିକାରୀ ଏସ୍.କେ. ପାଣିଗ୍ରାହୀ, ଡେପୁଟି ଚିଫ୍ ଇଞ୍ଜିନିୟର ଜାହିଦ ଅଲ୍ଲୀ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀ ପୂର୍ବରୁ କୋରାପୁଟସ୍ଥିତ ଏଲ୍‌ଆଇସି ଶାଖାର ସମସ୍ତ କର୍ମଚାରୀ ପରିଚାଳନା ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଘଟଯାତ୍ରା ଉପଲକ୍ଷେ ଆସିଲା ଆଜ୍ଞାମାଳ

କୋଟପାଡ଼,୨୪।୨(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳର ଅଧିଷ୍ଠାତ୍ରୀ ମା'ଶୀତଳା ଠାକୁରାଣୀଙ୍କ ତ୍ରୈବାର୍ଷିକ ଘଟଯାତ୍ରା ଉପଲକ୍ଷେ ବାହାରଗୋଡ଼ ସାହି ନିକଟସ୍ଥ ଶୀତଳା ଠାକୁରାଣୀ ମନ୍ଦିର ପୀଠ ପରିସରରେ ମଙ୍ଗଳବାର ଆଜ୍ଞାମାଳ ଆସିଛି। ସୋମବାର କଳସ ସ୍ଥାପନ ସହ ଏପ୍ରିଲ ୧ରେ ଯାତ୍ରା ସରିବ ବୋଲି ଜଣାପଡ଼ିଛି। ଏହା ପୂର୍ବରୁ ପ୍ରସ୍ତୁତି ବୈଠକ କରାଯାଇଛି। ଏଥିରେ ଘଟଯାତ୍ରା ସଭାପତି ମଣିପ୍ରସାଦ ପଟ୍ଟନାୟକ, ଦେବଦତ୍ତ କମିଟି ଅଧ୍ୟକ୍ଷ ସ୍ଥାନୀୟ ତହସିଲଦାର ଡ୍ରିଙ୍କେଲ ସେଠୀ, ବିଧାୟକ ରୂପୁ ଭତ୍ରାଙ୍କ ଅଧ୍ୟକ୍ଷତାରେ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳାରେ ଯାତ୍ରା ସମାପନ କରିବାକୁ ଆଲୋଚନା ହୋଇଥିଲା। ପୀଠରେ ଏକ କଲ୍ୟାଣ ମଣ୍ଡପ ଚାଲୁ ଥିବା ବେଳେ ଏଥିରେ ଘଟ ପର୍ବ କମିଟି ୪୮ ଲକ୍ଷ ଖର୍ଚ୍ଚ କରିଛି। ପୂର୍ବ ଘଟଯାତ୍ରାର କମିଟିକୁ ପୁଣି ଗଠନ କରାଯାଇଛି। କାର୍ଯ୍ୟକ୍ରମରେ ଉପସଭାପତି ସୁଧୀର ମହାନ୍ତି, ସମ୍ପାଦକ ରାମେଶ୍ୱର ଜେନା, ସହ ସମ୍ପାଦକ ବାପୁନ ମିଶ୍ର, ମଧୁସୂଦନ ଦେବାନ,କୋଷାଧ୍ୟକ୍ଷ ବିନାୟକ ଆଚାର୍ଯ୍ୟଙ୍କୁ ଚୟନ କରାଯାଇଛି। ଆଜ୍ଞାମାଳ ଅନୁମତି ସମୟରେ କୋଟପାଡ଼ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ବିକଶିତ ଭାରତ ଯୁବ ସଂସଦ ଜିଲାସ୍ତରୀୟ କାର୍ଯ୍ୟକ୍ରମ ସଫଳ ପାଇଁ ଆହ୍ୱାନ



ଖବରଦାତା ସମ୍ମିଳନୀରେ କଲେଜ ଅଧ୍ୟକ୍ଷ ଓ ଅଧ୍ୟାପକ ସୂଚନା ଦେଉଛନ୍ତି।

ମାଲକାନଗିରି,୨୪।୨
(ଗୌରି ଶଙ୍କର ପଣ୍ଡା)

ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ, ରାଜ୍ୟ ସରକାରଙ୍କ ଜାତୀୟ ସେବା ଯୋଜନା ଏବଂ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ମାଲକାନଗିରି ଆନୁକୂଲ୍ୟରେ ଆସନ୍ତା ୧ ତାରିଖରେ ମାଲକାନଗିରି ଜିଲା ସଂସ୍କୃତି ଭବନଠାରେ ବିକଶିତ ଭାରତ ଯୁବ ସଂସଦ-୨୦୨୬ ହେବ । ଜିଲାସ୍ତରୀୟ କାର୍ଯ୍ୟକ୍ରମ ସଫଳ କରିବା ନିମନ୍ତେ ଓ ଏହି କାର୍ଯ୍ୟକ୍ରମରେ ଭାଗନେବାକୁ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଆଲୋକ କୁମାର ପାତ୍ର, ଡ. ଦେବାଶିଷ ପାହି, ଡ.ହିମାଂଶୁ ଶେଖର ସାହୁ, ଡ. ପ୍ରସନ୍ନ କୁମାର ବରାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ପାତ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା । ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୨୦୦ ଛାତ୍ରୀଛାତ୍ର ଯୋଗଦାନ କରିପାରିବା ନେଇ ଆକଳନ କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ୧୮ ରୁ ୨୫ ବର୍ଷର ଯୁବକ ଓ ଯୁବତୀ ଅଂଶ ଗ୍ରହଣ କରିପାରିବେ ବୋଲି ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ୩ଟି ଭାଷା ଓଡ଼ିଆ, ହିନ୍ଦୀ ଏବଂ ଇଂଲିଶରେ '୫୦ ବର୍ଷର ଜରୁରିକାଳୀନ ପରିସ୍ଥିତି: ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା' ଶୀର୍ଷକ ପ୍ରତିଯୋଗିତା ଅନୁଷ୍ଠିତ ହେବ । କୃତୀ ପ୍ରତିଯୋଗୀ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟସ୍ତରୀୟ ଏବଂ ଜାତୀୟ ସ୍ତରୀୟରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନେଇ ସୂଚନା ଦିଆଯାଇଥିଲା । ସମସ୍ତ ପ୍ରତିଯୋଗିତା ସମାପ୍ତ ପରେ ଚୂଡ଼ାନ୍ତ ଫଳାଫଳ ନିର୍ଣ୍ଣୟ କରାଯିବ ବୋଲି ଡ. ଦେବାଶିଷ ପାହି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଛାତ୍ର, କର୍ମଚାରୀ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

# ବର୍ଷାରେ କ୍ଷତିଗ୍ରସ୍ତ ପରିବାରକୁ ପ୍ରଶାସନର ପଲିଥିନ ପ୍ରଦାନ

ପଟାଙ୍ଗି,୨୪।୨(ଶରତ କୁମାର ଧଳ)

କୋରାପୁଟ ଜିଲା ପଟାଙ୍ଗି ବ୍ଲକରେ ଅଦିନିଆ ବର୍ଷା ପ୍ରଭାବରେ କ୍ଷତିଗ୍ରସ୍ତ ପରିବାରକୁ ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ପଲିଥିନ ପ୍ରଦାନ କରିଛନ୍ତି। ସୋମବାର କୁଆପଥର ସହ ବର୍ଷା ହୋଇ ପୁକାଲି, ଦେଓପାଟାଙ୍ଗି, ମାଲିପୁଟ ଓ ନୂଆଗାଁ ପଞ୍ଚାୟତରେ କିଛି ଘର ନଷ୍ଟ ହୋଇଥିଲା। ଏଥିରେ ପୁକାଲି ପଞ୍ଚାୟତ ମାଲିଗୁଡ଼ା ଗ୍ରାମର ରାଧିକା, ରବି ଓ ଅରୁଣ ହନ୍ତାଲଙ୍କ ଘର କ୍ଷତିଗ୍ରସ୍ତ ହୋଇଥିଲା। ଘରେ ଥିବା ସାମଗ୍ରୀ ଭିଜି ଯାଇଥିଲା। ରାଜସ୍ୱ ନିରୀକ୍ଷକ ପୁକଲି ରାଜାମଉଳି ନାଲ୍ଲା, ସରପଞ୍ଚ ପୁକାଲି ତ୍ରିପତି ସାରା ଘଟଣାସ୍ଥଳ ପରିଦର୍ଶନ କରି ପରିସ୍ଥିତି ମୂଲ୍ୟାଙ୍କନ କରିଛନ୍ତି। କ୍ଷତିପୂରଣ ପରିବାରଙ୍କୁ ଜିଲା କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରଖି ପ୍ରଭାବିତ ପରିବାର ପାଇଁ ଆହୁରି ରିଲିଫ ଓ ପୁନର୍ବାସ ସହାୟତା ବ୍ୟବସ୍ଥା କରିବାକୁ ଚେଷ୍ଟା କରିବେ ବୋଲି ତହସିଲଦାର କହିଛନ୍ତି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ: ହତ୍ୟା ଅଭିଯୋଗ

ସୁନାବେଡ଼ା, ୨୪।୨(କୃତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ା ଥାନା ଅଧୀନ ଭେଜାପୁଟ ସତ୍‌ସଂଘ ଅଞ୍ଚଳର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକ ହେଲେ ପଟାଙ୍ଗି ଥାନା ଅଧୀନ ଝାଙ୍କର ଗୁଡ଼ାର ମାଧବ ବଡ଼ଗୁ(୩୭)। ସୂଚନାନୁଯାୟୀ, ମାଧବ ସତ୍‌ସଂଘରେ ସ୍ତ୍ରୀ ଓ ଛୁଆ ସହ ମିଶି ଦୀର୍ଘ ୧୫ ବର୍ଷ ହେବ ରହି ଆସୁଥିଲେ। ସେ ଜଣେ ଡ୍ରାଇଭର ବୋଲି ଜଣାପଡ଼ିଛି। ମଙ୍ଗଳବାର ମାଧବଙ୍କୁ କୌଣସି କାରଣରୁ ପରିବାର ଲୋକେ ମାତାଲପୁଟସ୍ଥିତ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମାଧବଙ୍କ ବଡ଼ ଭାଇ ନାଥ ବଡ଼ଗୁ ସୁନାବେଡା ଥାନାରେ ତାଙ୍କ ଭାଇଙ୍କୁ କେହି ହତ୍ୟା କରିଥିବା ସନ୍ଦେହ କରି ଲିଖିତ ଅଭିଯୋଗ କରିଥିଲେ। ସୁନାବେଡା ଥାନାଧିକାରୀ ସୁଷୁମା କୁହଁର,ଏସ୍‌ଆଇ ନିର୍ମଳା ଲିମା ମୃତଦେହ ଜବତ କରିଛନ୍ତି। ଏ ନେଇ ନଂ ୩୫/୨୬ରେ ହତ୍ୟା ମାମଲା ରୁଜୁ ହୋଇଛି। ମୃତଦେହ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ତଦନ୍ତ ଜାରି ରଖିଛି।

# ରବିଚାଷ ପାଇଁ ପାଣି ବାଧକ: ଏଲ୍‌ଆଇ ପଏଣ୍ଟ ଅଚଳ

ସୁନାବେଡା/ସେମିଳିଗୁଡ଼ା,୨୪।୨
(କୃତିବାସ ପ୍ରଧାନ/ବାସୁଦେବ ବରାଡ଼)

ଖରିଫ ଫସଲ, ରବିଚାଷ ପାଇଁ ଚାଷୀ ଅଣ୍ଟା ଭିଡୁଥିବା ବେଳେ ପାଣି ବାଧକ ସାଜିଛି। ସେମିଳିଗୁଡ଼ା ବ୍ଲକ ଅଧୀନ ପରଜା ମୁଠାଇ, ଦୁଧାରୀ, ଚାରାଗୁଲ, ସୁବାଇ ଓ ପିତାଗୁଡ଼ା ଅଞ୍ଚଳବାସୀ ଏଭଳି ଅଭିଯୋଗ ଆଣିଛନ୍ତି। ଚାଷୀଙ୍କ କହିବା ମୁତାବକ ସରକାରଙ୍କ ଲିଫ୍ଟ ଇରିଗେଶନ ପଏଣ୍ଟଗୁଡ଼ିକ ଅଚଳ ତଥା ଖରାଦିନେ ନଈନାଳ ଶୁଖିଯିବାରୁ ପାଣି ସମସ୍ୟା ସୃଷ୍ଟି ହେଉଛି। ଏଥିଯୋଗୁ ଚାଷର ବାଧା ସୃଷ୍ଟି ହେଉଛି। ଠିକ୍ ସମୟରେ ସାର ଓ ବିହନ ମିଳୁନ ଥିବାରୁ ମଧ୍ୟ ଚାଷ କାର୍ଯ୍ୟରେ ସମସ୍ୟା ଉପୁଜୁଛି। ବ୍ଲକର ମୁଠାଇ, ପାଟ ଖମରା, ପମ୍ପୀ, ପୋଡ଼ାପଦର, ବୁରୁଡ଼ିଗୁଡ଼ା, ଲେଞ୍ଜିଗୁଡ଼ା, ସୀସା ଗୁଡ଼ା, ଭୈରବଗୁଡ଼ା, ମହାଲି ଗୁଡ଼ା, ପଣ୍ଡ୍ରି ଗୁଡ଼ା ଓ ଗୁଣ୍ଡା ଗୁଡ଼ା ଆଦି ସ୍ଥାନର ମଧ୍ୟ ସମାନ ସ୍ଥିତି। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଚାଷୀ ନିଜ ପରିଶ୍ରମରେ ବେଶ୍ ଉତ୍ପାଦନ କରିଥାନ୍ତି। କିନ୍ତୁ ଉତ୍ପାଦିତ ଧାନର ଉପଯୁକ୍ତ ମୂଲ୍ୟ ମିଳୁ ନ ଥିବାରୁ ଚାଷରୁ ଲୋକେ ବିମୁଖ ହେଉଥିବା ଅଭିଯୋଗ ହେଉଛି। ସରକାରଙ୍କ ଯୋଜନା ସେମାନଙ୍କ ପାଇଁ ସାତସପନ ବୋଲି ଗାଁର ବଳରାମ ଖିନବୁଡି, ଗୁରୁଜା ତାମିଲ, ଭାଗୀରଥି ଖିଲ, ଡମ୍ବୁ ମାଛ, ଗଙ୍ଗାଧର ମାଛ, ବିଶ୍ୱନାଥ ତାମିଲ ପ୍ରମୁଖ କହିଛନ୍ତି। ଏଥିସହ ସରକାରଙ୍କୁ ଉଠା ଜଳସେଚନ କେନ୍ଦ୍ରଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଓୟୁଏଟିଏଡିଆର ପର୍ଶୁରାମ ଶିଆଲଙ୍କୁ ଯୋଗାଯୋଗ କରିବାରୁ ସେମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ସବ୍‌ସିଡି ବ୍ୟବସ୍ଥା ରହିଛି। ଧାନମଣ୍ଡି ମଧ୍ୟ ରହିଛି, ଅଭାବୀ ବିକ୍ରିର ପ୍ରଶ୍ନ ନାହିଁ ବୋଲି ସେ କହିଛନ୍ତି। ଏଲ୍‌ଆଇ ପଏଣ୍ଟଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଓ ସାର ଠିକ୍ ଭାବେ ମିଳିପାରିବା ନେଇ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।


ବିନା ପାଣିରେ ଧାନ ରୁଆଯାଉଛି ।

# ଝାମିଯାତ୍ରାରେ ବସନ୍ତ, ହାଡ଼ଫୁଟିରୁ ମୁକ୍ତି ମିଳିବା ବିଶ୍ୱାସ

## ଜୟପୁର ଉତ୍ସବମୁଖର

ଜୟପୁର,୨୪।୨(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସହର ଝାମିଯାତ୍ରା ପାଇଁ ଉତ୍ସବମୁଖର ହୋଇଛି। ଏହି ଯାତ୍ରାରେ ଶୀରଲି ଦେବୀଙ୍କୁ ପୂଜା କରାଯାଇଥାଏ। ଶିବରାତ୍ର ଦିନ ଶିବମନ୍ଦିରରେ ଏକ ପୂଜା କରାଯାଇ ପରେ ଝାମିଦେବୀଙ୍କ ଆଜ୍ଞାମାଳ ଅଣାଯାଇଥାଏ। ଶୋଭାଯାତ୍ରାରେ ବାଜାବଜାଇ ସହର ପରିକ୍ରମା କରାଯାଏ। ଏହି ଯାତ୍ରା ପାଳନ କଲେ ବସନ୍ତ, ହାଡ଼ଫୁଟି, ମିଳିମିଳା, କାଛୁ ଓ କୁଣ୍ଡିଆ ଆଦି ରୋଗରୁ ମୁକ୍ତି ମିଳିବା ବିଶ୍ୱାସ ରହିଛି। ଶିବରାତ୍ର ପରେ ଫାଲ୍‌ଗୁନ ମାସ ଶୁକ୍ଳ ପକ୍ଷ ନବମୀ ତିଥୀ ଅନୁଯାୟୀ ମଙ୍ଗଳବାର ଝାମିଦେବୀଙ୍କୁ ଜୟପୁର ବାଙ୍କମଠରେ ଏକ ଅସ୍ଥାୟୀ ମଣ୍ଡପରେ ପୂଜା କରାଯାଇଛି। ପରମ୍ପରା ଅନୁଯାୟୀ ଯାତ୍ରାରେ ବ୍ୟବସାୟୀ ଚଣା, ସାକରା, ମୁଡି ବିକ୍ରି କରିଥାନ୍ତି।


ମା'ଙ୍କୁ ପୂଜାର୍ଚ୍ଚନା କରାଯାଉଛି ।

ଶିବରାତ୍ରରେ ମହାଦେବଙ୍କ ଦର୍ଶନ ପରେ ପୂଜକ ପରିବାର ବାଜା ଓ ଫୁଲ ଚାଙ୍ଗୁଡ଼ି ଧରି ପ୍ରତି ସାହିରେ ଘର ଘର ବୁଲି ହଳଦୀ ଓ ନିମ୍ବପତ୍ର ବାଣ୍ଟିଥାନ୍ତି। ଏହାକୁ ମୁଣ୍ଡରେ ଟିକା ଭାବେ ଲଗାଇଲେ ସମସ୍ତ ଚର୍ମରୋଗ ଭଲ ହୁଏ ବୋଲି ବିଶ୍ୱାସ ରହିଛି। ପ୍ରତିବଦଳରେ ଭକ୍ତମାନେ ସେହି ଚାଙ୍ଗୁଡ଼ିରେ ଚାଉଳ, ପନିପରିବା ଓ କିଛି ଟଙ୍କା ଦେଇଥାନ୍ତି। ଶୁକ୍ଳପକ୍ଷ ନବମୀରେ ଝାମିଦେବୀଙ୍କୁ ଗୋପବନ୍ଧୁ ନଗରସ୍ଥିତ ପୂଜକଙ୍କ ଘରୁ ପୀଠରୁ ଢାମ୍ପ ବାଜାବଜାଇ ଅଣାଯାଇ ଅସ୍ଥାୟୀ ଭାବେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଏ। ମାନସିକ ରଖି ଭକ୍ତମାନେ ଫୁଲ ଝାଡୁ, ଅଣ୍ଡା, ନଡ଼ିଆ, କଦଳୀ, ଫୁଲ ଦେବୀଙ୍କୁ ସମର୍ପଣ କରିବା ପରମ୍ପରା ରହିଛି। ବାଜାର ସ୍ୱତନ୍ତ୍ର ତାଳ ଶୁଣିବା ମାତ୍ରେ ସାହି ବାସିନ୍ଦା ଝାମିଦେବୀଙ୍କ ଆଗମନ ହେଲା ବୋଲି ଜାଣିପାରନ୍ତି। ଜୟପୁର, ବୈପାରିଗୁଡ଼ା, ବୋରିଗୁମ୍ମା, କୋଟପାଡ଼, ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ଅଞ୍ଚଳରୁ ଭକ୍ତଙ୍କ ଭିଡ଼ ଜମେ। ହାତରେ ନଡ଼ିଆ, କଦଳୀ, ଫୁଲ ସହ ଝାମିଦେବୀଙ୍କ ପାଖରେ ମାନସିକ ଥିବା ଲୋକେ ନିଜ ଇଚ୍ଛାରେ ଉପହାର ଦାନ କରିଥାନ୍ତି। ମଧ୍ୟରାତିରେ ଲାଲ ଘରକୁ ଯାଇ ଝାମିଦେବୀ ପୀଠକୁ ଫେରନ୍ତି। ଶୀରଲୀ ଦେବୀଙ୍କ ଦର୍ଶନକରି ମୁଆଁ, ରାଶି ଓ ଖଜା ଆଦି କ୍ରୟ କରିବା ନିୟମ ରହିଛି।

